ଦିଗପହଣ୍ଡିର ବିକାଶରେ ବାଧକ ସାଜିଛି ଅଯଥା ରାଜନୈତିକ ହସ୍ତକ୍ଷେପ!

# ଅଟକିଛି ବଡ଼ବନ୍ଧ ପୁନରୁଦ୍ଧାର କାମ; ଆନ୍ଦୋଳନ ପାଇଁ ସଜବାଜ

ବ୍ରହ୍ମପୁର,୧୦।୭ (ସମିସ)



ବିଭିନ୍ନ କ୍ଷେତ୍ରରେ ସାମଗ୍ରିକ ବିକାଶ ନେଇ ଉଭୟ ପ୍ରଶାସନିକ ଓ ରାଜନୈତିକ ଉଦ୍ୟମ ସହିତ ସମନ୍ୱୟ ଜରୁରୀ। ତେବେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସରକାର ବଦଳିବା ସହିତ ପୂର୍ବ ସରକାର ଅମଳରେ ହୋଇଥିବା ବିଭିନ୍ନ ନିଷ୍ପତ୍ତିକୁ ଉଦ୍ଦେଶ୍ୟମୂଳକ ଭାବେ ବର୍ତ୍ତମାନର ସରକାର ବିଭିନ୍ନ ମାଧ୍ୟମରେ ବନ୍ଦ କରୁଥିବା ନଜିର ରହିଛି। ଯାହାର ଏକ ନଗ୍ନ ଉଦାହରଣ ହେଉଛି ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦର ଘଟଣା। ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନମ୍ବର-୦୨ ଅନ୍ତର୍ଗତ ରାଜଉଆସ ପଛପଟ ତଥା ପାଇକ ସାହି ନିକଟସ୍ଥ 'ବଡ ବନ୍ଧ'ର ସାମଗ୍ରିକ ଉନ୍ନତି ପାଇଁ ହୋଇଥିଲା ପ୍ରୟାସ। ଏଥିପାଇଁ ଏନ୍‌ଏସି ବୈଠକରେ ପ୍ରସ୍ତାବ ଆଗତ ହୋଇ ବିସ୍ତୃତ ଆଲୋଚନା ପରେ ଏଥିପାଇଁ ୧କୋଟି ୪୩ଲକ୍ଷ ଟଙ୍କାର ବ୍ୟୟବରାଦ ସହିତ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ୨୦ଏକର ପରିମିତ ଏହି ବହୁ ପୁରୁଣା ତଥା ରାଜାରାଜୁଡ଼ା ଅମଳର 'ବଡ ବନ୍ଧ' ହେଉଛି ଦିଗପହଣ୍ଡିର ଜୀବନରେଖା। ଯାହାକୁ ଦୃଷ୍ଟିରେ ରଖି ଏନ୍‌ଏସିର ନିର୍ବାଚିତ ଜନ ପ୍ରତିନିଧିମାନେ ସର୍ବସମ୍ମତି କ୍ରମେ ପ୍ରକଳ୍ପକୁ ସ୍ୱାଗତ କରିଥିଲେ। ଏନଏସିର ନିଜସ୍ୱ ପାଣ୍ଠିରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଡିପିଆର ମଧ୍ୟ ପ୍ରସ୍ତୁତ ହୋଇସାରିଛି। ଯାହା ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁଯାୟୀ ପ୍ରସ୍ତୁତ ହୋଇଥିବା ସତ୍ତ୍ୱେ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅକାରଣରେ ଆପତ୍ତି ଉଠାଇ ଅଟକାଇଥିବା ଅଭିଯୋଗ କରିଛନ୍ତି ଖୋଦ୍ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା।

ତାଙ୍କର ଅଭିଯୋଗ ପ୍ରକାରେ ପ୍ରକଳ୍ପ ପ୍ରସ୍ତାବକୁ ବିନା କାରଣରେ ଖୋଦ୍ ଜନସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଟକାଇ ରଖିବା ସହିତ ଅହେତୁକ ବିଳମ୍ବ କରୁଛନ୍ତି। ଯଦିଓ ଏନଏସିର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ପ୍ରକଳ୍ପ ନେଇ ଗ୍ରାଉଣ୍ଡ ରିପୋର୍ଟ ସହିତ ଡିପିଆର ପ୍ରସ୍ତୁତ କରିଛନ୍ତି ତଥାପି ଏଥିରେ ପ୍ରଶ୍ନ ଉଠାଇଛନ୍ତି ଅତିରିକ୍ତ ମୁଖ୍ୟଯନ୍ତ୍ରୀ। ଗତ ମାର୍ଚ୍ଚ ୨୭ରେ ପ୍ରକଳ୍ପକୁ ନେଇ ଡିପିଆର ପ୍ରସ୍ତୁତ ସହିତ ସହକାରୀ ମୁଖ୍ୟଯନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ତେବେ ପ୍ରାୟ ଦୁଇ ମାସରୁ ଊର୍ଦ୍ଧ୍ୱକାଳ ଉକ୍ତ ଫାଇଲକୁ ନିଜ ପାଖରେ ରଖି ଗତ ଜୁନ ୧୨ରେ ଫେରାଇ ଦେଇଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା ଫାଇଲ ଫେରାଇବା ପଛରେ ଯଦିଓ ସେଭଳି କୌଣସି ସ୍ପଷ୍ଟ କାରଣ ଦର୍ଶା ଯାଇନାହିଁ ତଥାପି ପୋଖରୀର ଗଭୀରତା ଓ ସେଥିରେ ଥିବା ପଙ୍କକୁ ନେଇ ସେ ପ୍ରଶ୍ନ ଉଠାଇଥିବା ଜଣାପଡିଛି। ତେବେ ଅଭିଯୋଗକାରୀ ତଥା ଏନଏସି ଅଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କ କହିବା କଥା ପୋଖରୀର ଜଳ ନିଷ୍କାସନ ପରେ ସେଥିର ଗଭୀରତା ଓ ପଙ୍କ ସମ୍ପର୍କିତ ତଥ୍ୟ ସ୍ପଷ୍ଟ ହେବ। ଏଥିପାଇଁ ଟେକ୍ନିକାଲ ଟିମର ପରାମର୍ଶ ନନେଇ ପ୍ରକଳ୍ପକୁ ବିଳମ୍ବ କରିବା ପଛରେ ନିଶ୍ଚିତ କିଛି ରାଜନୈତିକ ତଥା ମନ୍ଦ ଉଦ୍ଦେଶ୍ୟ ଥିବା ସେ ଆଶଙ୍କା କରିଛନ୍ତି। ପ୍ରସ୍ତାବିତ ପ୍ରକଳ୍ପକୁ ନେଇ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଗତ ଜୁନ ୧୬ତାରିଖରେ ଦିଆଯାଇଥିଲେ ହେଁ ତାହା ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ବିନା ନିଷ୍ପତ୍ତିରେ ପଡିରହିଛି। ଏଭଳି ପରିସ୍ଥିତିରେ ସମଗ୍ର ଦିଗପହଣ୍ଡି ଲୋକଙ୍କ ଦୀର୍ଘ ଦିନର ଆଶା ପୂରଣ ହେବାରେ ବାଧା ଉପୁଜିଛି। ଏନେଇ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଚିଠି ଲେଖି ସମସ୍ୟାର ସମାଧାନ ଦିଗରେ ହସ୍ତକ୍ଷେପ ଲୋଡିଛନ୍ତି। ଏଥିପାଇଁ ଖୁବ୍‌ଶୀଘ୍ର ବିଜ୍ଞାପିତ ଅଞ୍ଚଳର ସମସ୍ତ ଜନପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମ ଥିବା ଜଣାପଡିଛି। ସେହିଭଳି ଭାବେ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ତଥା ଦିଗପହଣ୍ଡି ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ରାଜେନ୍ଦ୍ର କୁମାର ପଣ୍ଡା ମଧ୍ୟ ଏନେଇ ନିଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ଦିଗପହଣ୍ଡି ଅଞ୍ଚଳର ବିକାଶରେ ବାଧା ସୃଷ୍ଟି ହେଲେ ଆଗକୁ ଦୁର୍ବାର ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

- କାର୍ଯ୍ୟକାରୀ ହୋଇପାରୁନି ଏନ୍‌ଏସିର ନିଜସ୍ୱ ଅର୍ଥରେ ପ୍ରସ୍ତାବିତ ପ୍ରକଳ୍ପ; ଜନ ଅସନ୍ତୋଷ ବୃଦ୍ଧି
- ଜନସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଉଦ୍ଦେଶ୍ୟ ସାଧନ ହେଉନଥିବାରୁ ଉପୁଜୁଛି ସମସ୍ୟା : ଅଧ୍ୟକ୍ଷ

● ୩ୟ ଏସିଆନ୍ ୟୁଥ୍ ଗେମ୍ସ

## ପୁରୁଷ କବାଡ଼ିରେ ଗଞ୍ଜାମର ଟିକୁ ସାମିଲ

ଛତ୍ରପୁର,୧୦।୭ (ସମିସ): ଆସନ୍ତା ଅକ୍ଟୋବର ୨୨ରୁ ୩୦ ବାହାରିନ୍ ଠାରେ ୩ୟ ଏସିଆନ୍ ୟୁଥ୍ ଗେମ୍ସ ବାହାରିନ୍ -୨୦୨୫ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୮ ବର୍ଷରୁ କମ୍ ପୁରୁଷ କବାଡ଼ି ପ୍ରତିଯୋଗିତାରେ ଓଡିଶା ଦଳରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ଗ୍ରାମର ଟିକୁ ସେଠୀ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଏଥିଲାଗି ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ନରେନ୍ଦ୍ରପୁର ଗ୍ରାମର ଗୁଣ୍ଡିଚା ସେଠୀଙ୍କ ପୁଅ ଟିକୁ ଗରିବ ପରିବାର ଜନ୍ମହୋଇ ନିଜର ସଂଘର୍ଷ ବଳରେ ଆଜି ବିଦେଶରେ ଖେଳିବାର ସୁଯୋଗ ହାସଲ କରିଛନ୍ତି। ପୂର୍ବରୁ ସେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବାରୁ ଓଡିଶା ଦଳରେ ସ୍ଥାନ ପାଇ ବାହାରିନ୍‌ରେ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ପାଇଛନ୍ତି।



## ମାଟି ତଳୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



ଭଞ୍ଜନଗର,୧୦।୭ (ସମିସ): ଭଞ୍ଜନଗର ଥାନା ଅଧୀନ ବାଇବାଲି ମୁନିଆକଣ ଜଙ୍ଗଲରେ ପୋତା ହୋଇଥିବା ଏକ ଅଜଣା ମୃତଦେହକୁ ପୁଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନଥିବା ବେଳେ ମୃତଦେହଟି ଜଣେ ପୁରୁଷଙ୍କର ବୋଲି ଜଣାପଡିଛି। ତେବେ କିଭଳି ଓ କେଉଁ ପରିସ୍ଥିତିରେ ମୃତଦେହଟି ଜଙ୍ଗଲର ପୋତାଗଲା ତାହା ଜଣାପଡ଼ିନି। ମାଜିଷ୍ଟ୍ରେଟ ଅବିନାଶ କୁମାର ମାହାରଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହ ଉଦ୍ଧାର କରାଯାଇଛି। ପରେ ମୃତଦେହର ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ସହାୟତାରେ ଏସଡିପିଓ ଡ. ଦୀପକ ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଏସଡିପିଓ ମିଶ୍ର କହିଛନ୍ତି। ମୃତଦେହ ଉଦ୍ଧାର ସମୟରେ ଏସଡିପିଓ ଡ. ମିଶ୍ର, ଥାନାଧିକାରୀ ଜିବନାନନ୍ଦ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶ୍ରୀଚୈତନ୍ୟ ମଠରେ ଗୁରୁପୂର୍ଣ୍ଣିମା

ଗଞ୍ଜାମ,୧୦।୭ (ସମିସ): ଗଞ୍ଜାମ ସହର ସ୍ଥିତ ଶ୍ରୀଚୈତନ୍ୟ ମଠରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶିଷ୍ୟ ଓ ଶିଷ୍ୟାମାନେ ମଠରେ ପହଞ୍ଚି ମଠର ମହନ୍ତ ଶ୍ରୀ ରାଧା ବିନୋଦ ଗୋସ୍ୱାମୀଙ୍କୁ ବନ୍ଦାପନା କରିବା ସହ ଗୁରୁପୂଜନ କରିଥିଲେ।

ସେହିପରି ସହର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ଗୁରୁପୂର୍ଣ୍ଣିମା ପାଳିତ ହୋଇଥିଲା। ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ଉପଦେଷ୍ଟା ବିନୋଦ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ପ୍ରଧାନ ଆଚାର୍ଯ୍ୟ ଏମ୍ ଲିଙ୍ଗରାଜ ରେଡି ସ୍ୱାଗତ ଭାଷାଣ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ବନ୍ଦନା ପାଳ ଗୁରୁ ପୂର୍ଣ୍ଣିମାର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। କୋଷାଧ୍ୟକ୍ଷ ଡି. ନିରଞ୍ଜନ ରେଡି ଗୁରୁଙ୍କ ପ୍ରତି ଶିଶୁଙ୍କ କର୍ତ୍ତବ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଅଳକା ବେହେରା, ସସ୍ମିତା କୁମାରୀ ପଟ୍ଟନାୟକ ପ୍ରମୁଖଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

## ଦୁଇ ବେଆଇନ ବାଲି ଡିପୋ ସିଲ୍

କୁକୁଡ଼ାଖଣ୍ଡି,୧୦।୭ (ସମିସ): କୁକୁଡ଼ାଖଣ୍ଡି ତହସିଲ ଅନ୍ତର୍ଗତ ଶ୍ରୀକ୍ଷେତ୍ର ବିହାରରେ ବେଆଇନ ଦୁଇଟି ବାଲି ଡିପୋ ଉପରେ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ, ଖଣିଜ ବିଭାଗୀୟ ଅଧିକାରୀ ଓ ପୁଲିସ ପକ୍ଷରୁ ଚଢ଼ଉ ହୋଇଛି। କିଛି ଅସାଧୁ ବ୍ୟବସାୟୀ ଚୋରାରେ ବାଲି ଆଣି ଗଚ୍ଛିତ ରଖି ଚଢ଼ା ଦରରେ ବିକ୍ରି କରୁଥିଲେ। କୁକୁଡାଖଣ୍ଡି ତହସିଲଦାର ଶ୍ରୀ ପଟ୍ଟନାୟକଙ୍କ କହିବା ଅନୁଯାୟୀ, ନମିତା ପାଣିଗ୍ରାହୀ ସ୍ୱାମୀ ପ୍ରକାଶ (ରଘୁପତି ନଗର, ବ୍ରହ୍ମପୁର) ପଟ୍ଟାଦାରଙ୍କ ଜାଗାରେ ପ୍ରାୟ ୬୦୦ରୁ ୭୦୦ ସିମ ବାଲି ବେଆଇନ ଭାବେ ଗଚ୍ଛିତ ଥିବା ବେଳେ ପଟାଦାର ଧ୍ରୁବ ଚରଣ ଦାଶ ପିତା ବିଶ୍ୱନାଥ ଦାଶ ( ବ୍ରଜରାଜନଗର, ବ୍ରହ୍ମପୁର)ଙ୍କ ଜାଗାରେ ପ୍ରାୟ ୫୦୦ ରୁ ୬୦୦ ସିମର ବେଆଇନ ବାଲି ଗଚ୍ଛିତ ଥିଲା। ରାସ୍ତାରେ ଭାରୀଯାନ ଯାନ ଯିବା ଆସିବା ଦ୍ୱାରା ରାସ୍ତା ଖରାପ ହେଉଥିବା ଅଭିଯୋଗ ହେଉଥିଲା। କୌଣସି ସୂତ୍ରରୁ ବେଆଇନ ବାଲି ଗଚ୍ଛିତ ଥିବା ଜାଣିପାରି ଖଣିଜ ବିଭାଗୀୟ ଅଧିକାରୀ, ତହସିଲଦାର ଓ ପୁଲିସ ମିଳିତ ଭାବେ ଚଢ଼ଉ କରି ସିଲ କରିଥିବା ଜଣାପଡିଛି।

## ସମୃଦ୍ଧ ଜୀବନ ଅର୍ଥ ଫେରସ୍ତ ଦାବି

ଗଞ୍ଜାମ,୧୦।୭ (ସମିସ): ସମୃଦ୍ଧ ଜୀବନରେ ଅର୍ଥ ଫେରିପାଇବା ନେଇ ଅର୍ଥ ଲଗାଣକାରୀମାନେ ଏକାଠି ହୋଇଛନ୍ତି। ମଙ୍ଗୁଲୁ ବିଶ୍ୱାଳଙ୍କ ପୌରହିତ୍ୟରେ ଗଞ୍ଜାମ ସହରସ୍ଥିତ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ଜିଲ୍ଲା ତଥା ଜିଲ୍ଲା ବାହାର ଅର୍ଥ ଲଗାଇଥିବା ମହିଳା ପୁରୁଷମାନେ ବୈଠକ କରିଥିଲେ। ସର୍ବ ସମ୍ମତିକ୍ରମେ ସମୃଦ୍ଧ ଜୀବନ ଅନୁଷ୍ଠାନର ନିର୍ଦ୍ଦେଶକ ମହେଶ କିଷାନ ମେତେବାରଙ୍କ ବିରୁଦ୍ଧରେ ଗଞ୍ଜାମ ଥାନାରେ ଅଭିଯୋଗ କରାଯାଇଥିଲା। କିପରି ଗରିବ ଲୋକେ ସେମାନଙ୍କ କଷ୍ଟ ଅର୍ଜିତ ଧନ ଫେରି ପାଇବେ ସେ ସମ୍ପର୍କରେ ସ୍ଥାନୀୟ ପୁଲିସ ପ୍ରଶାସନ ସହ ଆଲୋଚନା କରିଥିଲେ। ରମେଶ ନାୟକ, ଡ଼ି ରାଧା ମୋହନ ରେଡି, କେ.ଦୁର୍ଯ୍ୟୋଧନ, ସନ୍ତୋଷ ସାହୁ, ଡ଼ି ନାଗେଶ୍ୱର ରେଡି, ମୋହନ ରାଓ, ମାନସ ସାହୁ, ପ୍ରଫୁଲ ବିଶ୍ୱାଳ ପ୍ରମୁଖଙ୍କ ସହ ବହୁସଂଖ୍ୟାରେ ଅର୍ଥ ହରାଇଥିବା ବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ।



## ଡ୍ରେନ୍‌ରୁ ଉଦ୍ଧାର ହେଲା ଗାଈ

କୁକୁଡାଖଣ୍ଡି,୧୦।୭ (ସମିସ): ବ୍ରହ୍ମପୁର ଉପକଣ୍ଠ ଜଗଦଲପୁର ଗ୍ରାମର ନୂତନ ନେତାଜୀ ନଗର ଠାରେ ଏକ ଡ୍ରେନ୍ ଭିତରୁ ଗାଈକୁ ଉଦ୍ଧାର କଲେ ସମାଜସେବୀ ଆଶିର୍ବାଦ ପାତ୍ର ଓ ତାଙ୍କ ସହଯୋଗୀ।କିଛି ଦିନ ବର୍ଷା ହେବାରୁ ନିକଟସ୍ଥ ଡ୍ରେନ୍ ଉପରେ ଆବରଣ ନଥିବା ହେତୁ ବର୍ଷା ପାଣି ଜମା ହୋଇଛି। ଗୁରୁବାର ସକାଳୁ ଏକ ଗାଇ ସେହି ରାସ୍ତା ଦେଇ ଯିବା ସମୟରେ ଗୋଡ଼ ଖସି ଯାଇ ଉକ୍ତ ଡ୍ରେନ୍ ଭିତରେ ପଶି ଛଟପଟ ହେଉଥିଲା। ସମାଜସେବୀ ଆଶିର୍ବାଦ ପାତ୍ର ସେହି ରାସ୍ତା ଦେଇ ଯିବା ସମୟରେ ଏହିପରି ଘଟଣା ଦେଖି ନିଜ ସହଯୋଗୀଙ୍କୁ କହି ଗାଇଟିକୁ ଉଦ୍ଧାର କରିଥିଲେ। ଏଥିରେ ଲକି ପ୍ରଧାନ, ଶ୍ରୀନୁ ପାତ୍ର, ଶିବ ପାତ୍ର, ରୁଦ୍ର ଘଡେଇ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ଦୁଇ ନିଖୋଜ ନାବାଳକ ଉଦ୍ଧାର



ବେଗୁନିଆପଡ଼ା,୧୦।୭ (ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ପୁଲିସ୍ ବୁଧବାର ସନ୍ଧ୍ୟାରେ ଦୁଇ ନିଖୋଜ ନାବାଳକକୁ ଖଲ୍ଲିକୋଟ ରେଳ ଷ୍ଟେସନ୍‌ରୁ ଉଦ୍ଧାର କରିଛି। ବେଗୁନିଆପଡ଼ା ଥାନା ଅନ୍ତର୍ଗତ ରାହାଡ଼ା ଗ୍ରାମର ଦୁଇ ନାବାଳକ ରାକେଶ କୁମାର ଗୁରୁ (୧୩) ଏବଂ ପରମେଶ୍ୱର ଜେନା (୧୨) ଗତ ୭ତାରିଖରୁ ନିଖୋଜ ଥିଲେ। ଏନେଇ ସେମାନଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ଭଗବାନ ପୂଜାରୀ ଏକ ଟିମ ଗଠନକରି ତତ୍ପରତା ଦେଖାଇଥିଲେ। ନାବାଳକ ଦୁଇଜଣ କୌଣସି ମତେ ପୁରୀ ଯାଇ ଫେରୁଥିବା ବେଳେ ଖଲ୍ଲିକୋଟ ରେଳ ଷ୍ଟେସନରୁ ବେଗୁନିଆପଡା ପୁଲିସ ଟିମ୍ ଉଦ୍ଧାର କରି ସେମାନଙ୍କ ପରିବାର ନିକଟରେ ପହଞ୍ଚାଇଛି।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

ପାତ୍ରପୁର,୧୦।୭ (ସମିସ): ଜରଡ଼ା ଥାନା ଲକ୍ଷ୍ମୀପୁର ଗ୍ରାମରେ ଜଣେ ମହିଳାଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଏସ. ସୁଶୀଳା ପାତ୍ର (୫୫)। ସେ ନିଜ ଘରେ ପାଣି ମୋଟର ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ଗ୍ରାମ ଲୋକେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶୀଳାଙ୍କ ପରିବାର ଲୋକେ ଗ୍ରାମରେ ରହୁନଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ସୁଶୀଳାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଧର୍ମଘଟକୁ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ସମର୍ଥନ



ଛତ୍ରପୁର,୧୦।୭ (ସମିସ): ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ସର୍ବ ଭାରତୀୟ ଧର୍ମଘଟରେ ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଛତ୍ରପୁର ଶାଖା ତରଫରୁ ଦଶଦଫା ଦାବି ପୂରଣ କରିବା ନିମନ୍ତେ ପ୍ରତିବାଦ ସହ ବିକ୍ଷୋଭ ପଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଖଣ୍ଡର ଉପଦେଷ୍ଟା ପ୍ରଭାକର ପାଣିଗ୍ରାହୀ, ଖଣ୍ଡ ସମ୍ପାଦକ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏବଂ ଜିଲ୍ଲା ସମ୍ପାଦକ ହରି ମୋହନ ଶତପଥି ଓ ସମସ୍ତ ଶାଖାର କର୍ମଚାରୀ ଉପସ୍ଥିତ ଥିଲେ।

## ରମ୍ଭା ଅଞ୍ଚଳରେ କାଉ ମଡ଼କ

ରମ୍ଭା,୧୦।୭ (ସମିସ): ରମ୍ଭା ଅଞ୍ଚଳରେ କାଉ ମଡ଼କ ଦିନକୁ ଦିନ ବଢୁଥିବାରୁ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଦିନ ବିଦ୍ୟୁତ ତାରରେ ଛନ୍ଦି ହୋଇ ସର୍ଟ ସର୍କିଟ ଯୋଗୁ ବହୁ କାଉ ଜୀବନ ହରାଉଛନ୍ତି। ତେବେ ଗତ କିଛି ଦିନ ହେବ ନିୟମିତ ବ୍ୟବଧାନରେ ପରିବେଶର ବନ୍ଧୁ କାଉ ଅକାଳରେ ମରୁଥିବାରୁ ପରିବେଶବିତ୍ ମାନେ ତାର କାରଣ ଖୋଜୁଛନ୍ତି।

## ଜଳସେଚନ ବିଭାଗ ପକ୍ଷରୁ ଚାରାରୋପଣ



ପାତ୍ରପୁର,୧୦।୭ (ସମିସ): ବୁଧବାର ସାମନ୍ତିଆପଲ୍ଲୀ ବନାଞ୍ଚଳ କାର୍ଯ୍ୟାଳୟ ଓ ଚିକିଟି ଜଳସେଚନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ପାତ୍ରପୁର ଜଳସେଚନ ବିଭାଗ କାର୍ଯ୍ୟାଳୟଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାତ୍ରପୁର ଜଳସେଚନ ବିଭାଗର କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିବାବେଳେ ଗଛର ରକ୍ଷଣାବେକ୍ଷଣ କିପରି ନିଆଯାଇପାରିବ ସେହି ବିଷୟରେ ବନପାଳ ଅଭିନାଶ ଚୌଧୁରୀ ବୁଝାଇଥିଲେ।

କାର୍ଯ୍ୟକ୍ରମରେ ଚିକିଟି ଜଳସେଚନ ବିଭାଗର ଅଧୀକ୍ଷକ ଯନ୍ତ୍ରୀ ସୁବ୍ରତ ପଟ୍ଟନାୟକ, ବାଘଲଟି ସହକାରୀ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ସାହୁ, ପାତ୍ରପୁର ସହକାରୀ ଯନ୍ତ୍ରୀ ଜଗଦୀଶ ସେଠୀ, ସାମନ୍ତିଆପଲ୍ଲୀ ବନପାଳ ଅଭିନାଶ ଚୌଧୁରୀ, ବନରକ୍ଷୀ ସୁକାନ୍ତ ନାୟକ, ସୁରକ୍ଷା କର୍ମୀ ଉମାକାନ୍ତ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ବିଡିପ ଶବର, କୃଷ୍ଣ ପାଇକ, ଜିତେନ୍ଦ୍ର ଦାସଙ୍କ ସହିତ ପାତ୍ରପୁର ବ୍ଲକର ସମସ୍ତ ସାମ୍ବାଦିକ ବନ୍ଧୁ ସହଯୋଗ କରିଥିଲେ।

## ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୧୦।୭ (ସମିସ): ଗଞ୍ଜାମ ଜିଲ୍ଲା ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଭାବେ ପ୍ରଦ୍ୟୁମ୍ନ କୁମାର ରାଉତରାୟ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ନୂଆପଡା ଜିଲ୍ଲା ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିବାବେଳେ ପଦୋନ୍ନତି ପରେ ଗଞ୍ଜାମ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି।



ସେ ଦାୟିତ୍ୱ ନେବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସେହିପରି ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ମଧ୍ୟରେ ଯୋଗାଣ ବିଭାଗର ସମସ୍ତ କାର୍ଯ୍ୟ ଗୁଡିକ ସଠିକ୍ ଭାବେ ପରିଚାଳନା କରିବା ସହିତ ଜନସାଧାରଣ ତଥା ଜିଲ୍ଲାର ଚାଷୀମାନେ ସମସ୍ତ ଯୋଜନା ଗୁଡିକ କିପରି ଉପକୃତ ହୋଇପାରିବେ ସେଥିପ୍ରତି ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି।

ସମନ୍ୱିତ ଶିଶୁ ବିକାଶ ଯୋଜାନର ସମୀକ୍ଷା

# ଭଡ଼ାରେ ଚାଲିଛି ୪୭୮ଟି କେନ୍ଦ୍ର

ଛତ୍ରପୁର,୧୦।୭ (ସମିସ)



ସ୍କୁଲ କୋଠାରେ ୫୦୯ ଓ କମ୍ୟୁନିଟି ହଲ୍‌ରେ ଚାଲୁଛି ୩୮୦ଟି କେନ୍ଦ୍ର

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମୀକ୍ଷା ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ର କୋଠା, ବିଦ୍ୟୁତ ସଂଯୋଗ, ଖାଲି ପଡ଼ିଥିବା ଅଙ୍ଗନବାଡ଼ି କର୍ମୀ ଓ ହେଲପର, ସୁଭଦ୍ରା ଯୋଜାନ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ପୋଷଣ ଆଦି ସଂପର୍କରେ ଆଲୋଚନା କରାଯାଇଥିଲା।

ଜିଲ୍ଲାରେ ୪୦ଟି ଅଙ୍ଗନବାଡ଼ି କର୍ମୀ ପଦବୀ ଖାଲି ପଡିଛି, ସେହିପରି ହେଲପର ପଦବୀ ୬୮ଟି ପଦବୀ ଖାଲି ପଡିଥିବା ବେଳେ ଏହାର ପୂରଣ ପାଇଁ ବୈଠକରେ କୁହାଯାଇଥିଲା। ୫୧୬୨ଟି ଅଙ୍ଗନାବାଡ଼ି କେନ୍ଦ୍ର ମଧ୍ୟରୁ ୩୭୯୫ଟି ନିଜସ୍ୱ କୋଠା ରହିଥିବା ବେଳେ ୪୭୮ଟି କେନ୍ଦ୍ର ଭଡ଼ାରେ ଚାଲୁଛି, ୫୦୯ଟି କେନ୍ଦ୍ର ସ୍କୁଲ କୋଠାରେ ଚାଲୁଥିବା ବେଳେ ୩୮୦ଟି କମ୍ୟୁନିଟି ହଲ୍‌ରେ ଚାଲୁଥିବା ବୈଠକରେ କୁହାଯାଇଥିଲା। ୮୫୩ଟି କେନ୍ଦ୍ରର କୋଠା କାମ ଚାଲୁରହିଥିବା ବେଳେ ଅଗଷ୍ଟ ଶେଷ ସୁଦ୍ଧା କାମ ସାରିବାକୁ କୁହାଯାଇଛି। ୧୫୯ଟି କେନ୍ଦ୍ର ପାଇଁ ଜାଗା ଚିହ୍ନଟ ସମସ୍ୟା ରହିଥିବା ବେଳେ ୩୫୫ ସ୍ଥାନରେ କାମ ଆରମ୍ଭ ହୋଇନଥିବା ୩୮ଟି ସ୍ଥାନରେ କାମ ସରିଥିବା ବେଳେ ତାହା ହସ୍ତାନ୍ତର ହୋଇନାହିଁ। ୯୩୪ଟି କେନ୍ଦ୍ରରେ ବିଦ୍ୟୁତ ସେବା ନଥିବା ବେଳେ ପ୍ରଥମ ପ୍ରର୍ଯ୍ୟାୟରେ ୧୭୩ଟି କେନ୍ଦ୍ର ପାଇଁ ସେଠାରେ ଉକ୍ତ ଅଞ୍ଚଳର ସିଡିପିଓ ମାନଙ୍କୁ ଟଙ୍କା ଆସିଛି ସେମାନେ ବିଦ୍ୟୁତ ବିଭାଗ ସହ ଯୋଗାଯୋଗ କରି ଏହି ଟଙ୍କା ବିନିଯୋଗ କରିବାକୁ ନିର୍ଦ୍ଦେଶ ରହିଥିଲେ ବି ରଙ୍ଗେଇଲୁଣ୍ଡା ବ୍ଲକରେ ୩୧ଟି କେନ୍ଦ୍ର ସାମିଲ ହୋଇଥିବା ବେଳେ ସିଡିପିଓ ସଠିକ ବିନିଯୋଗ କରୁନଥିବାରୁ ୩୧ଟି କେନ୍ଦ୍ରର ବିଦ୍ୟୁତ କାମ ଆଗେଇନଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ୧୮୦ ଶିଶୁ ଅତିଶୟ ପୁଷ୍ଟିହୀନତାର ଶିକାର ହୋଇଥିବା ବେଳେ ୧୧୩ ଜଣ ଶିଶୁ ଅତିଶୟ କମ୍ ଓଜନ ଓ କମ୍ ଉଚ୍ଚତା ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ କୁହାଯାଇଛି। ଗର୍ଭବତୀ ମହିଳା ସମେତ ଶିଶୁମାନେ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ନହେବେ ସେଥିପ୍ରତି ଧ୍ୟାନ ଦେବାକୁ ବୈଠକରେ କୁହାଯାଇଛି। ଏହି ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରାଙ୍କ ସମେତ ସମସ୍ତ ସିଡିପିଓ ମାନେ ଉପସ୍ଥିତ ଥିଲେ।

■ ଉସ୍ତପଲ୍ଲୀରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

# ଏମ୍‌କେସିଜିରେ ପୁଣି ଭର୍ତ୍ତିହେଲେ ଜଣେ ନୂଆରୋଗୀ

ବ୍ରହ୍ମପୁର,୧୦।୭(ସମିସ): ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତି ଥମିବାରେ ନାଁ ନେଉନାହିଁ। ବର୍ତ୍ତମାନ ଏମ୍‌କେସିଜି ମେଡିକାଲରେ ଉସ୍ତପଲ୍ଲୀ ଗ୍ରାମର ପୁଣି ଜଣେଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ବୁଧବାର ମଧ୍ୟରାତ୍ରୀରେ ଉକ୍ତ ଗ୍ରାମର ଗଣେଷ ଶବର(୨୫) ନାମକ ଜଣେ ଯୁବକ ଡାଇରିଆ ୱାଡର୍‌ରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କର ଚିକିତ୍ସା ଜାରି ରହିଛି। ସେପଟେ ବିଭାଗରେ ପୂର୍ବରୁ ଭର୍ତ୍ତି ହୋଇଥିବା ଅନ୍ୟ ୩ଜଣଙ୍କ ଚିକିତ୍ସା ଚାଲିଛି। ମୁକୁନ୍ଦ ଶବର ଡାଇରିଆ ୱାଡର୍‌ରେ ଚିକିତ୍ସାଧୀନ ଥିବାବେଳେ ସୁବାସ ଶବର ମେଡିସିନ୍ ୱାଡର୍‌ରେ ଏବଂ ୩ବର୍ଷର ଶିଶୁ ଶିବାନନ୍ଦ ଶବର ଶିଶୁରୋଗ ବିଭାଗରେ ଚିକିତ୍ସାଧୀନ ଅଛନ୍ତି। ଉସ୍ତପଲ୍ଲୀ ଗ୍ରାମର ପ୍ରାୟ ୨୦ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଗୁରୁତରଙ୍କୁ ଉତ୍ତମ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଥି ମଧ୍ୟରୁ ଅଧିକାଂଶ ଆକ୍ରାନ୍ତ ସୁସ୍ଥହୋଇ ଘରକୁ ଫେରିଥିବା ବେଳେ ଆଉକିଛି ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଝାଡାବାନ୍ତି ନିୟନ୍ତ୍ରଣକୁ ଆସିଥିବା କୁହାଯାଇଛି। ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳରେ ହାଲୋଜେନ ବଟିକା ସହ ଜଳ ବିଶୋଧନ କରାଯାଉଥିବା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ତେବେ ପ୍ରତିଦିନ ଚିକିତ୍ସା ପାଇଁ ନୂଆରୋଗୀ ଆସୁଥିବା ନଜରକୁ ଆସିଛି। ତେଣୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ସଚେତନତା ରଥ ଶୁଭାରମ୍ଭ



ବ୍ରହ୍ମପୁର,୧୦।୭(ସମିସ): ବ୍ରହ୍ମପୁର ମହାନଗର ନିଗମ ପରିସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ମେୟର ସଂଘମିତ୍ରା ଦଳେଇ, କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ଶିକେ ଏହାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ସମୟରେ ଡେପୁଟି ମେୟର ଇଂ ବିବେକ ରେଡ୍ଡିଙ୍କ ସମେତ ବହୁ ଅଧିକାରୀ ଓ କର୍ପୋରେଟ ଉପସ୍ଥିତ ଥିଲେ। ଏହି ରଥ ମେଲେରିଆ, ଡେଙ୍ଗୁ, ଡାଇରିଆ ଆଦି ବିଭିନ୍ନ ରୋଗ ସମ୍ପର୍କରେ ସହରବାସୀଙ୍କୁ ସଚେତନ କରିବ ବୋଲି ଜଣାପଡ଼ିଛି।

୩ୟ ଦିନରେ ଡ୍ରାଇଭର୍ ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ସ୍ଥିତି ଅସମ୍ଭାଳ; ୨ ଦିନ ପରେ ଆମ୍ବୁଲାନ୍ସକୁ ମିଳିବନି ଡିଜେଲ୍

ବ୍ରହ୍ମପୁର,୧୦।୭(ସମିସ)





ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ଦଫା ଦାବିରେ ରାଜ୍ୟବ୍ୟାପୀ ଜାରି ରହିଛି ଷ୍ଟିୟରିଂ ଛାଡ ଆନ୍ଦୋଳନ। ଗୁରୁବାର ଆନ୍ଦୋଳନ ୩ୟ ଦିନରେ ପହଞ୍ଚିଛି। ଏହାର ସିଧାସଳଖ ପ୍ରଭାବ ବ୍ରହ୍ମପୁର ସହରରେ ଦେଖିବାକୁ ମିଳିଛି। ଆନ୍ଦୋଳନ ଯୋଗୁଁ ବ୍ରହ୍ମପୁର ସହର ବାହାରେ ତଥା ଜାତୀୟ ରାଜପଥରେ ଏପରିକି ବସଷ୍ଟାଣ୍ଡରେ ଶହ ଶହ ଗାଡି ଅଟକି ରହିଛି। ସେହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ମହାସଂଘ ପକ୍ଷରୁ ଡ୍ରାଇଭରମାନେ ବିଭିନ୍ନ ଗାଡିକୁ ଅଟକାଇ ଆନ୍ଦୋଳନକୁ ସମର୍ଥନ କରିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ଯାହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପଡୁଛି। ଏଭଳି ପରିସ୍ଥିତି ଜାରି ରହିଲେ ଆଗାମୀ ଦୁଇଦିନ ମଧ୍ୟରେ ସମଗ୍ର ରାଜ୍ୟରେ ଅଚଳାବସ୍ଥା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଆନ୍ଦୋଳନ ଯୋଗୁଁ ପରିବହନ ସେବା ସମ୍ପୂର୍ଣ୍ଣ ଠପ ହୋଇଯାଇଥିବା ବେଳେ ପେଟ୍ରୋଲ ଓ ଡିଜେଲର ଘୋର ଅଭାବର ଆଶଙ୍କା ସୃଷ୍ଟି ହୋଇଛି। ପେଟ୍ରୋଲ ଓ ଡିଜେଲର ଅଭାବ କାରଣରୁ ସହରର ଦୁଇଟି ପ୍ରମୁଖ ପେଟ୍ରୋଲ ପମ୍ପରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ସେହିଭଳି ଆଗାମୀ ଦିନେ କିମ୍ବା ଦୁଇଦିନ ଡ୍ରାଇଭର ମହାସଂଘ ପକ୍ଷରୁ ଡାକରା ଦିଆଯାଇଥିବା ଆନ୍ଦୋଳନ ଜାରି ରହିଲେ ସହରର ଅନ୍ୟ ପେଟ୍ରୋଲ ପମ୍ପଗୁଡିକ ମଧ୍ୟ ଅନୁରୁପ ଭାବେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଫଳରେ ଏହାର ପ୍ରଭାବ ଜରୁରୀ ରୋଗୀସେବା ଓ ଶିକ୍ଷା ଉପରେ ମଧ୍ୟ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି।

ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାରେ ମୋଟ ୯୬ଟି ଆମ୍ବୁଲାନ୍ସ ରହିଥିବା ବେଳେ ସେଥି ମଧ୍ୟରୁ ୪୫ଟି ଜନନୀ ସୁରକ୍ଷା ଆମ୍ବୁଲାନ୍ସ ରହିଛି। ଅବଶିଷ୍ଟ ୫୧ଟି ୧୦୮ ଆମ୍ବୁଲାନ୍ସ। ପ୍ରତି ୧୦୮ ଆମ୍ବୁଲାନ୍ସକୁ ପ୍ରତିଦିନ ପ୍ରାୟତଃ ୫୦ଲିଟର ପେଟ୍ରୋଲ/ଡିଜେଲର ଆବଶ୍ୟକତା ରହିଛି। ଏଭଳି ଭାବେ ଜିଲ୍ଲାରେ ଥିବା ୫୦ରୁ ଉଦ୍ଧ୍ୱର୍ ୧୦୮ ଆମ୍ବୁଲାନ୍ସ ପାଇଁ ପ୍ରତ୍ୟହ ପ୍ରାୟ ୨୫୦୦ରୁ ୨୭୦୦ଲିଟର ପେଟ୍ରୋଲ/ଡିଜେଲର ଆବଶ୍ୟକତା ରହିଛି। ସେହିପରି ପ୍ରତି ଜନନୀ ସୁରକ୍ଷା ଆମ୍ବୁଲାନ୍ସ ପାଇଁ ଦୈନିକ ପାଖାପାଖି ୧୮ରୁ ୨୦ଲିଟର ପେଟ୍ରୋଲ/ଡିଜେଲର ଆବଶ୍ୟକତା ରହିଛି।

## ସହରରେ ବନ୍ଦ ହେଲାଣି ଏକାଧିକ ପମ୍ପ

## ମାତିଲେଣି କଳାବଜାରି; ଟାଙ୍କିରୁ ବୋହି ନେଉଛନ୍ତି ତେଲ

ଏହି କ୍ରମରେ ଜନନୀ ସୁରକ୍ଷା ଆମ୍ବୁଲାନ୍ସ ପାଇଁ ପ୍ରତିଦିନ ୮ଶହରୁ ୯ଶହ ଲିଟର ପେଟ୍ରୋଲ/ଡିଜେଲର ଆବଶ୍ୟକତା ରହିଛି। ଏଭଳି ଭାବେ ପ୍ରତିଦିନ ଜିଲ୍ଲାର ସମସ୍ତ ସରକାରୀ ଆମ୍ବୁଲାନ୍ସକୁ ପ୍ରାୟ ୩ହଜାରରୁ ୩୫୦୦ପର୍ଯ୍ୟନ୍ତ ଲିଟର ତେଲର ଆବଶ୍ୟକ ରହିଛି। ଅନ୍ୟପକ୍ଷରେ ସହରରେ ମୋଟ ୧୮ଟି ପେଟ୍ରୋଲ ପମ୍ପ ରହିଛି। ସମସ୍ତ ପମ୍ପରେ ଗୁରୁବାର ଅପରାହ୍ନ ସୁଦ୍ଧା ମୋଟ ପେଟ୍ରୋଲ ୨ଲକ୍ଷ ୫୪ହଜାର ୪୨୦ଲିଟର ଓ ୨ଲକ୍ଷ ୧୮ହଜାର ୯୦୨ଲିଟର ଡିଜେଲ ଗଚ୍ଛିତ ଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ପ୍ରତି ପମ୍ପରେ ଦିନକୁ ପ୍ରାୟ ୪ହଜାର ଲିଟର ପେଟ୍ରୋଲ ବିକ୍ରୀ ହୋଉଥିବା ବେଳେ ପ୍ରାୟ ୩ହଜାର ଲିଟର ଡ଼ିଜେଲ ବିକ୍ରୀ ହେଉଛି। ଏଭଳି ଭାବେ ସହରର ୧୮ଟି ପମ୍ପରେ ପ୍ରତିଦିନ ପ୍ରାୟ ୭୦ରୁ ୭୫ହଜାର ଲିଟର ପେଟ୍ରୋଲ ଓ ୫୦ରୁ ୫୫ହଜାର ଡ଼ିଜେଲ ବିକ୍ରୀ ହେଉଛି। ଫଳରେ ଡ୍ରାଇଭର ମହାସଂଘର ଆନ୍ଦୋଳନ ଆଗକୁ ଜାରି ରହିଲେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ସହରରେ ପେଟ୍ରୋଲ ଓ ଡ଼ିଜେଲର ଘୋର ଅଭାବ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। ଜିଲ୍ଲାରେ ପେଟ୍ରୋଲ ଓ ଡ଼ିଜେଲର ଅଭାବକୁ ଦୂର କରିବାକୁ ଯାଇ କଡା ସୁରକ୍ଷା ମଧ୍ୟରେ ଯଦିଓ କିଛି ଟ୍ୟାଙ୍କରକୁ ବ୍ରହ୍ମପୁର ଅଣାଯାଇଛି ତାହା ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ ବର୍ତ୍ତମାନ ପେଟ୍ରୋଲ ଓ ଡ଼ିଜେଲର ଅଭାବ ଯୋଗୁ ଏକାଧିକ ପମ୍ପ ବନ୍ଦ ରହଛି। ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ସହରର ଅନ୍ୟ ପେଟ୍ରୋଲ ପମ୍ପଗୁଡିକ ମଧ୍ୟ ବନ୍ଦ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ହେଲେ କେବଳ ରୋଗୀସେବା କିମ୍ବା ଶିକ୍ଷା ବ୍ୟବସ୍ଥା ନୁହେଁ ବରଂ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାର ଆବ୍ୟଶକତା ରହିଛି। ନଚେତ ଆଗାମୀ ଦିନରେ ପରିବହନ ସେବା ସମ୍ପୂର୍ଣ୍ଣ ଠପ ହୋଇ ଦରଦାମ ବୃଦ୍ଧି ନିୟନ୍ତ୍ରଣ ବାହାରକୁ ଯିବା ସହ କଳାବଜାରୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେପଟେ ଆମ୍ବୁଲାନ୍ସ ସେବା ପ୍ରଭାବିତ ହେଲେ ଏହାର ସିଧାସଳଖ ପ୍ରଭାବ ରୋଗୀଙ୍କ ଉପରେ ପଡିବ।

# ଏମ୍‌କେସିଜିରେ ଅଟୋମେଟିକ୍ କଲ୍‌ଚର ଟେଷ୍ଟିଂ ଆରମ୍ଭ

ଉପକୃତ ହେବେ 'ୟୁଟିଆଇ' ଓ 'ଆଇସିୟୁ'ର ଗୁରୁତର ରୋଗୀ

ବ୍ରହ୍ମପୁର,୧୦।୭(ସମିସ)



ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଗୁରୁବାର ଅଟୋମେଟିକ କଲ୍‌ଚର ଟେଷ୍ଟିଂ ଆରମ୍ଭ ହୋଇଛି। ଏହାକୁ ଡ଼ିନ ତଥା ଅଧକ୍ଷା ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଉଦଘାଟନ କରିଛନ୍ତି। ଏହା ଦ୍ୱାରା ମୁଖ୍ୟତଃ ଆଇସିୟୁର ଗୁରୁତର ରୋଗୀ ଓ ମୂତ୍ର ନଳୀ ସଂକ୍ରମଣ(ୟୁଟିଆଇ) ସମ୍ପର୍କିତ ରୋଗୀମାନେ ଶୀଘ୍ର ସୁସ୍ଥ ହେବାରେ ସହାୟକ ହେବ। ଏହି ପରୀକ୍ଷା ଦ୍ୱାରା ଜଣେ ଗୁରୁତର ରୋଗୀଙ୍କୁ ରୋଗମୁକ୍ତ ନିମନ୍ତେ କେଉଁ ପ୍ରକାର ଆଣ୍ଟିବାୟୋଟିକ ସଠିକ କାର୍ଯ୍ୟ କରିବ ସେନେଇ ସୂଚନା ମିଳିଥାଏ। ପୂର୍ବରୁ ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଏହି ପରୀକ୍ଷା ମାନୁଆଲ ବା ମନୁଷ୍ୟକୃତ ଭାବେ କରାଯାଉଥିଲା। ଯଦ୍ୱାରା ୩ରୁ ୯ଦିନ ପର୍ଯ୍ୟନ୍ତ ସମୟ ଲାଗୁଥିଲା। ଫଳରେ ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେଉଥିଲା। କିନ୍ତୁ ଅଟୋମେଟିକ କଲଚର ଟେଷ୍ଟିଂ ଦ୍ୱାରା ସ୍ୱଳ୍ପ ସମୟରେ ବହୁ ରୋଗୀଙ୍କ ନମୂନା ପରୀକ୍ଷା ସମ୍ଭବପର। କମ୍ ସଂଖ୍ୟକ ମାନବସମ୍ବଳ ଦ୍ୱାରା ଏହି ମେସିନ ସହାଯ୍ୟରେ ଥରେ ୧୨୦ଜଣ ରୋଗୀଙ୍କ ନମୂନା ପରୀକ୍ଷା କରାଯାଇପାରିବ। ଏହାସହ ୧୦ରୁ ୨୪ଘଣ୍ଟା ମଧ୍ୟରେ ରୋଗୀଙ୍କୁ ତାହାର ରିର୍ପୋଟ ପ୍ରଦାନ କରାଯାଇପାରିବ। ଫଳରେ ଗୁରୁତର ରୋଗୀଙ୍କ ଚିକିତ୍ସାରେ ଏହି ଉନ୍ନତ ପ୍ରଣାଳୀର ଟେଷ୍ଟିଂ ବେଶ ସହାୟକ ହୋଇପାରିବ। ଉଦ୍‌ଘାଟନ ସମୟରେ ମାଇକ୍ରୋବାୟୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ସଂଘମିତ୍ରା ପାଢ଼ୀ, ବାୟୋକେମେଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀ, ରୋଗନିଦାନ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ସୁଲତା ଚୌଧୁରୀ, ଡ଼ା. ଶକୁନ୍ତଳା ମୁଣ୍ଡାରୀ, ଡ଼ା. ପ୍ରଦୀପ୍ତ କିଶୋର ସାହୁ ଓ ଡ଼ା. ନେହା ସାମଲଙ୍କ ସମେତ ଅନ୍ୟାନ୍ୟ ବିଭାଗର ଡାକ୍ତର ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଶ୍ରାବଣ ଆରମ୍ଭ; ସିଜନ୍ ଷ୍ଟୋରରେ କାଉଡ଼ିଆଙ୍କ ଭିଡ଼

ବ୍ରହ୍ମପୁର,୧୦।୭(ସମିସ): ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ଶ୍ରାବଣ ମାସ।



ଏହି ମାସର ପ୍ରତି ସୋମବାର ବିଭିନ୍ନ ଶୈବପୀଠରେ କାଉଡ଼ିଆ ଜଳାଭିଷେକ କରିବେ। ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସିଜନ ଷ୍ଟୋରରେ ବୋଲବମରରେ ଆବଶ୍ୟକ ହେଉଥିବା ବହୁ ସାମଗ୍ରୀ ବିକ୍ରି ଆରମ୍ଭ ହୋଇଗଲାଣି। ସହରର ବିଭିନ୍ନ ସ୍ଥାନରେ ପ୍ରାୟ ୨୦ରୁ ଅଧିକ ସିଜନ୍ ଷ୍ଟୋରରେ କାଉଡ଼ିଆଙ୍କ ପୋଷାକ ସମେତ ବିଭିନ୍ନ ସାମଗ୍ରୀ ବିକ୍ରି କରାଯାଇଛି। କାଉଡ଼ିଆ ଡ୍ରେସ୍ ୧୮୦ରୁ ୨୫୦ଟଙ୍କାରେ ବିକ୍ରି ହେଉଥିବା ବେଳେ କାଉରୀ ବାଡି ୫୦ଟଙ୍କା, ପ୍ଲାଷ୍ଟିକ ଢ଼ାଳ ୫୦ଟଙ୍କା ପରି ବିଭିନ୍ନ ସାମଗ୍ରୀ ବିକ୍ରୀ ହେଉଛି। ସେହିପରି କାଉଡ଼ିଆମାନେ କାଉରୀ ବାଡିକୁ ବିଭିନ୍ନ ସାମଗ୍ରୀ ବ୍ୟବହାର କରି ସୁସଜ୍ଜିତ କରୁଥିବା ବେଳେ ଏଥି ପ୍ରତି ୮୦ରୁ ୧୨୦ଟଙ୍କା ଖର୍ଚ୍ଚ ହେଉଛି। ଏହି ସମସ୍ତ ସାମଗ୍ରୀ ଦିଲ୍ଲୀ, କୋଲକୋତା ଓ ମୁମ୍ବାଇ ସମେତ ବିଭିନ୍ନ ସ୍ଥାନରୁ ଆଣା ଯାଇ ସହରରେ ବିକ୍ରି କରାଯାଉଥିବା ବ୍ୟବସାୟୀ ସୁରଜ ଅଧିକାରୀ କହିଛନ୍ତି।

ଚାଷୀ ସଂଗଠନର ଦାବି

# ଖରିଫ ପୂର୍ବରୁ ସମସ୍ୟା ସମାଧାନ କର

ବ୍ରହ୍ମପୁର,୧୦।୭(ସମିସ): ଖରିଫ ଧାନ ଚାଷ ପାଇଁ ବିହନ ବୁଣା କାମ ଆରମ୍ଭ ହୋଇଛି। ଆଉ କିଛି ସ୍ଥାନରେ ବୁଣା ସରିଥିଲେ ହେଁ ପାଗ ସୁହାଉନି। ବର୍ଷା ହେଲେ ଜିଲ୍ଲାର ବହୁ ବ୍ଲକରେ ଚାଷ ଆଗେଇବ। ଏଥିପୂର୍ବରୁ ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ଜିଲ୍ଲାର ଅଗ୍ରଣୀ ଚାଷୀ ସଂଗଠନ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି। କିଛିଦିନ ପୂର୍ବେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଋଷିକୂଲ୍ୟାର ରୟତ ମହାସଭାର ଆବାହକ ସୀମାଞ୍ଚଳ ନାହାକ କହିଛନ୍ତି ଯେ, ଚଳିତବର୍ଷ ଧାନ ବୁଣା ଓ ରୁଆ ପାଇଁ ତଳି ପକାଇବାକୁ ଜମିର ପାଗ ଅନୁକୂଳ ହୋଇନି। ଏ ପର୍ଯ୍ୟନ୍ତ ଅନେକ ଜମିରେ ତଳି ପଡ଼ିନି। କେତେକ ତଳି ପଡ଼ିଥିବା ଜମିରେ ବାରମ୍ବାର ବର୍ଷା ହେବା ଫଳରେ ଗଜା ଧାନ ସବୁ ପଚିଯିବାର ସମ୍ଭାବନା ରହିଛି। ଏପରି ସ୍ଥଳେ ଧାନ ତଳି ରୁଆରେ ନିଅଣ୍ଟ ହେବାର ଅନୁମାନ କରାଯାଉଛି। ଏଣୁ କୃଷି ବିଭାଗ ସଜାଗ ହେବାର ଆବଶ୍ୟକତା ରହିଛି। ଜଳବାୟୁ ଅନୁକୂଳ ହେଉ ନଥିବାରୁ ଚାଷକାର୍ଯ୍ୟରେ ବ୍ୟାଘାତ ହେଉଛି। ଏଣୁ ଚଳିତବର୍ଷ ଚାଷୀ ବଡ଼ ହୁଡ଼ାରେ ଏବଂ ପତିତ ଜମିରେ ନିମ ଓ କରଞ୍ଜ ଗଛ ଲଗେଇ ତାର ଯତ୍ନ ନେବାକୁ କୃଷି କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଉ ବୋଲି ଋଷିକୂଲ୍ୟା ରୟତ ମହାସଭା ଦାବି କରିଛି। ସରକାରଙ୍କ ଗୋଷ୍ଠୀ ବରୱେଲ ଯୋଜନାରେ ବୋରୱେଲ ଖୋଳାଯାଇଥିଲେ ସୁଦ୍ଧା ୧ବର୍ଷ ହେଲା ବିଦ୍ୟୁତକରଣ ହୋଇ ପାରୁନଥିବାରୁ ଜଳସେଚନର ସୁବିଧା ହେଉନି। ଏଣୁ ଖରିଫ ଚାଷ ପାଇଁ ଜିଲ୍ଲାର ସମସ୍ତ ଏଲଆଇ ପଏଣ୍ଟ କାର୍ଯ୍ୟକ୍ଷମ କରିବାକୁ ସଂଗେ ସଂଗେ ସମସ୍ତ ଶାଖା କେନାଲର ମରାମତି କାମ ତୁରନ୍ତ ସାରିବାକୁ ଦାବି ହୋଇଛି। ଅନୁରୂପ ଭାବେ ପରିବେଶ ଭିତ୍ତିକ ଚାଷ, ଜୈବିକ ଚାଷ ଓ ସମନ୍ୱିତ କୃଷିକୁ ଗୁରୁତ୍ୱ ଦେଇ ପ୍ରତି ପଞ୍ଚାୟତର ଅନ୍ୟୂନ ଗୋଟିଏ ଗ୍ରାମକୁ କୃଷି ଗାଁ କରିବା ପାଇଁ କୃଷି ବିଭାଗକୁ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ନାହାକ ଦାବି କରିଛନ୍ତି। ବର୍ଷା ଜଳକୁ ସଂରକ୍ଷଣ କରି ଭୂତଳ ଜଳସ୍ତର ବଢାଇବା ସହ କୃଷି ବିଭାଗ ସହିତ ସମ୍ପୃକ୍ତ ସମସ୍ତ ଲାଇନ ବିଭାଗକୁ ନେଇ ସମନ୍ୱୟରେ ପ୍ରତି ପଞ୍ଚାୟତରେ କୃଷିର ବିକାଶ ନିମନ୍ତେ ଯୋଜନା କରି କାର୍ଯ୍ୟକାରୀ କରିବାକୁ ସେ ଅନୁରୋଧ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଅଧିକ ପରିମାଣରେ କଞ୍ଚାଲଙ୍କା, ଟମାଟୋ, ଚିନାବାଦାମ, ରାଶି, କାଜୁ ଚାଷ ଆଦି କରାଯାଉଛି। କିନ୍ତୁ ଅଧିକ ଅମଳ ହେଲେ ଚାଷୀ କମ ଦରରେ ବିକ୍ରୀ କରି କ୍ଷତି ସହୁଛନ୍ତି। ଏଣୁ ଚାଷୀଙ୍କ ଆଦାୟର ପ୍ରକ୍ରିୟାକରଣ କରାଗଲେ ବହୁ ଚାଷୀ ଉପକୃତ ହେବେ ବୋଲି ଋଷିକୂଲ୍ୟା ରୟତ ମହାସଭାର ଆବହକ ସୀମାଞ୍ଚଳ ନାହାକ ଦାବି କରିଛନ୍ତି।

ଶିକ୍ଷାନୁଷ୍ଠାନର ନିକଟରେ ଗୁଟ୍‌ଖା ଓ ମାଦକଦ୍ରବ୍ୟ ବିକ୍ରି ନିଷେଧ ଆଇନ

# କଡ଼ାକଡ଼ି କାର୍ଯ୍ୟକାରୀ ପାଇଁ କମିଶନରଙ୍କ ପରାମର୍ଶ

ବ୍ରହ୍ମପୁର,୧୦।୭(ସମିସ): ଗୁଟଖା ଓ ମାଦକ ଭଳି ମାରାତ୍ମକ ଦ୍ରବ୍ୟ ପ୍ରତି ଆକୃଷ୍ଟ ହୋଇ ଦିନକୁ ଦିନ ଯୁବାବର୍ଗଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ଖାସ କରି ଶିକ୍ଷାନୁଷ୍ଠାନ ଗୁଡିକ ନିକଟରେ ଏଭଳି ନିଷିଦ୍ଧ ସାମଗ୍ରୀର ବହୁଳ ବିକ୍ରିବଟା ହେଉଥିବା ପରିଲକ୍ଷିତ ହେଉଛି। ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡିଥିବା ବେଳେ ଏନେଇ ରହିଥିବା ଆଇନକୁ କଡାକଡି କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳୁଛି। ଏଣୁ ଶିକ୍ଷାନୁଷ୍ଠାନର ୧୦୦ମିଟର ପରିସୀମା ମଧ୍ୟରେ ଗୁଟ୍‌ଖା ବା ତମାଖୁ ଓ କୌଣସି ପ୍ରକାରର ମାଦକ ଦ୍ରବ୍ୟ ଯେଭଳି ବିକ୍ରିବଟା ନହୁଏ ସେଥିପ୍ରତି ତୀକ୍ଷ୍ଣ ନଜର ଦେବାକୁ ବିଏମସି କମିଶନର ବ୍ରହ୍ମପୁର ଅବକାରୀ ଅଧୀକ୍ଷକଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ' ଏହି ନିୟମ ବହୁ ପୁରୁଣା ହୋଇଥିଲେ ହେଁ ବ୍ରହ୍ମପୁର ସହରରେ ଅଧିକାଂଶ ମଦ ଦୋକାନ ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଓ ପ୍ରାୟ ନିକଟରେ ରହିଛି। ଏନେଇ ପୂର୍ବରୁ ବହୁବାର ଅଭିଯୋଗ ଓ ଆନ୍ଦୋଳନ ହୋଇଥିଲେ ହେଁ ଅବକାରୀ ବିଭାଗ ଓ ଉଭୟ ଜିଲ୍ଲା ଓ ପୁଲିସ ପ୍ରଶାସନ ଅଣଦେଖା କରୁଛନ୍ତି। ଏବେ ବିଏମସି କମିଶନର ଚିଠି ପରେ ଅବକାରୀ ବିଭାଗ କ'ଣ ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା।

ଦୀର୍ଘ ଦଶନ୍ଧିର ପରମ୍ପରା
କଣ୍ଢେଇ ଯାତ୍ରା

# ବୁଡ଼ିଗଲାଣି ମାଟି କଣ୍ଢେଇ; ଏବେ ପ୍ଲାଷ୍ଟିକ୍ ଜମାନା







ବ୍ରହ୍ମପୁର,୧୦।୭(ସମିସ)

ରେଶମ ସହର ବ୍ରହ୍ମପୁରରେ ନିଆରା ପରମ୍ପରା ଦେଖିବାକୁ ମିଳେ। ସମୟକ୍ରମେ କିଛି ପରମ୍ପରା ଜନ ମାନସରୁ ଉଭେଇ ଯାଇଥିବା ବେଳେ ଆଉ କିଛି ଆଜି ସମସ୍ତଙ୍କୁ ଐକ୍ୟ ସୂତ୍ରରୁ ବାନ୍ଧି ରଖିଛି। ଏଠାକାର ପ୍ରତ୍ୟେକ ଗଳି କନ୍ଦିରେ ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ତନ୍ମଧ୍ୟରୁ କଣ୍ଢେଇ ଯାତ୍ରା ଅନ୍ୟତମ। କାହିଁ କେଉଁ ଅବାହମାନ କାଳରୁ ରହିଥିବା ଏହି କଣ୍ଢେଇ ଯାତ୍ରା ଏବେ ବି ପ୍ରତିବର୍ଷ ପାଳିତ ହେଉଛି। ଆଷାଢ ପୂର୍ଣ୍ଣମା ଅବସରରେ ପ୍ରତିବର୍ଷ ଏହି ଯାତ୍ରା ପାଳିତ ହୋଇଥାଏ। ଖାସ୍ବାସାହି ଓ ବଡ଼ବଜାର ଅଞ୍ଚଳରେ ଏହା ଅନୁଷ୍ଠିତ ହୋଇଥାଏ। ଏହିକ୍ରମରେ ରବିବାର କଣ୍ଢେଇ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରସିଦ୍ଧ କଣ୍ଢେଇ ଯାତ୍ରାକୁ ମନଭରି ଉପଭୋଗ କରିଛନ୍ତି ସହରବାସୀ।

ଐତିହାସିକ ଯାତ୍ରାରେ ପୂର୍ବପେକ୍ଷା ଚଳିତବର୍ଷ ଭିଡ଼ ପରିଲକ୍ଷିତ ହୋଇଛି। ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳର ଲୋକେ ନିଜ ନିଜ ପରିବାର ସହ ଯାତ୍ରାକୁ ଉପଭୋଗ କରିଛନ୍ତି। ବଡ଼ବଜାରରୁ ଖାସ୍ବା ସାହି ଭିତରେ ପ୍ରାୟ ୩୦୦ରୁ ଅଧିକ ଷ୍ଟଲ୍ ଓ କାଉଣ୍ଟର୍ ଦେଖିବାକୁ ମିଳିଥିଲା। ଷ୍ଟଲ୍ ଗୁଡ଼ିକରେ ପ୍ଲାଷ୍ଟିକ୍, ରବର କଣ୍ଢେଇ ବହୁମାତ୍ରାରେ ବିକ୍ରି ହୋଇଥିଲା। କାଁ ଭାଁ କିଛି ଯାଗାରେ କାଠ କଣ୍ଢେଇ ବିକ୍ରି ହେଉଥିଲେ ସୁଦ୍ଧା ଗ୍ରାହକମାନଙ୍କୁ ଆକର୍ଷିତ କରୁଥିଲା। ପ୍ରତିବର୍ଷ ଆଷାଢ ପୂର୍ଣ୍ଣମୀରେ ବ୍ରହ୍ମପୁରରେ ଏହି ଯାତ୍ରା ପାଳିତ ହେବାର ପରମ୍ପରା ରହିଛି। ପୂର୍ବରୁ କେବଳ ମାଟିକଣ୍ଢେଇ ଓ କାଠରେ ନିର୍ମିତ କଣ୍ଢେଇ ପ୍ରତି ଲୋକଙ୍କ ଆଗ୍ରହ ରହିଥିବା ବେଳେ ସମ୍ପ୍ରତି ପ୍ଲାଷ୍ଟିକ ଯୁଗରେ ମାଟି ଓ କାଠର ଚସଓ୍ୱା ହଜିଯାଇଥିବା ଭଳି ମନେ ହେଉଛି। ପୁରୁଣା କଥା ଅନୁସାରେ, ଏହି ଯାତ୍ରାରୁ କନ୍ୟା ମାନେ ମାଟି, ଚିନି ଓ କାଠରେ ତିଆରି କଣ୍ଢେଇ କିଣି ନେଉଥିଲେ। ବିବାହ ବେଳେ ସେମାନେ ଏହାକୁ ଭାର ଆକାରରେ ଶାଶୁଘରକୁ ନେବାର ପରମ୍ପରା ରହିଛି। କିନ୍ତୁ ବିଗତ କିଛି ବର୍ଷ ହେଲା ଏହି ପରମ୍ପରା ହଜି ଯାଉଥିବାର ନଜିର ଦେଖିବାକୁ ମିଳିଛି। ଚାକଚକ୍ୟତା ଓ ଆଧୁନିକତାର ସ୍ପର୍ଶରେ ଆସିଥିବା ବ୍ରହ୍ମପୁର ସହରବାସୀଙ୍କ ମନରୁ କାଠ ଓ ମାଟି କଣ୍ଢେଇର ଛାପ ଲିଭିଗଲାଣି। କଣ୍ଢେଇ କହିଲେ ସାଧାରଣରେ ମାଟିରେ ନିର୍ମିତ ବିଭିନ୍ନ ପ୍ରକାର ଖେଳଣାକୁ ବୁଝାଏ। ମାତ୍ର ଏହି ଆଧୁନିକ ସମାଜରେ କଣ୍ଢେଇ କହିଲେ ପ୍ଲାଷ୍ଟିକ ନିର୍ମିତ ଖେଳଣାକୁ ହିଁ ସମସ୍ତେ ବୁଝନ୍ତି। ଏହାଦ୍ୱାରା ମାଟି କଣ୍ଢେଇର ଚାହିଦା କମିଯିବା ଫଳରେ ଏହା ଲୁପ୍ତ ହେବାକୁ ଗଲାଣି।

ଏହାର ବହୁଳ ପ୍ରସାର କରିବା ସହିତ ଲୁପ୍ତପ୍ରାୟ କଣ୍ଢେଇକୁ ଜନସାଧାରଣଙ୍କ ନିକଟରେ ପରିଚିତ କରାଇବା ହେଉଛି କଣ୍ଢେଇମେଳାର ଆଭିମୁଖ୍ୟ। ଏହିକଣ୍ଢେଇ ମେଳାବେଳେ ଅଞ୍ଚଳର ସମସ୍ତ ବନ୍ଧୁବାନ୍ଧବ ରାତି ତମାମ ବୁଲାବୁଲି କରି କଣ୍ଢେଇ କିଣିବା ସହ ବିଭିନ୍ନ ପ୍ରକାର ମିଠାକ୍ରୟ କରୁଥିବା ପରମ୍ପରା ରହିଛି। ଏହାଛଡା ଖାସ୍ବା ସାହିଠାରେ ଥିବା ଗଡଜଗନ୍ନାଥ, ବଡଜଗନ୍ନାଥଙ୍କୁ ପ୍ରଭୁ ଶ୍ରୀରାମଙ୍କ ପଟ୍ଟାଭିଷେକ ବେଶରେ ସଜାଇ ପୂଜା କରୁଥିବାବେଳେ ସହରର ପ୍ରସିଦ୍ଧ ମା'ବୁଢ଼ୀ ଠାକୁରାଣୀଙ୍କୁ ମା'ଅର୍ଣ୍ଣପୂର୍ଣ୍ଣା ବେଶରେ ମଧ୍ୟ ସଜ୍ଜିତ କରାଯାଇଥାଏ। କଣ୍ଢେଇ ଯାତ୍ରା ଧିରେ ଧିରେ ଜନମାନସରୁ ଉଭେଇ ଯାଉଥିବା ବେଳେ ଏହା ଉଜ୍ଜୀବିତ କରିବା ଲାଗି ଉଦ୍ୟମ ହେଉଛି। କଣ୍ଢେଇ ଯାତ୍ରା ପରିପେକ୍ଷୀରେ ବଡ଼ବଜାର ଅଞ୍ଚଳରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ସମସ୍ତଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି।

● ନାବାଳିକକୁ ଅସଦାଚରଣ ମାମଲା

# ବୃଦ୍ଧଙ୍କୁ ୩ବର୍ଷ ଜେଲ୍

ବ୍ରହ୍ମପୁର,୧୦।୭(ସମିସ): ଏକ ନାବାଳିକା ଅସଦାଚରଣ ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତୀ ପଟ୍ଟନାୟକ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସେ ହେଲେ ବଡ଼ବଜାର ଥାନା ଅଞ୍ଚଳର ସତ୍ୟ ନାରାୟଣ ଗୌଡ଼(୬୦)। କୋର୍ଟ ତାଙ୍କୁ ୩ବର୍ଷ ଜେଲ୍ ଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୩ମାସ ସଶ୍ରମ କାରାଦଣ୍ଡ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ୩ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୪ ଡିସେମ୍ବର ୧୨ରେ ବଡ଼ବଜାର ଥାନା ଅଞ୍ଚଳର ଏକ ୮ବର୍ଷର ନାବାଳିକା ଘରେ ଥିବାବେଳେ ଅଭିଯୁକ୍ତ ସତ୍ୟ ନାରାୟଣ ଗୌଡ଼ ତାକୁ ମୋବାଇଲ ଦେଖାଇ ଅସଦାଚରଣ କରିଥିଲା। ଏନେଇ ନାବାଳିକାଙ୍କ ମା'



ଜାଣିବା ପରେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସତ୍ୟ ନାରାୟଣ ଗୌଡ଼କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ସେ ବ୍ରହ୍ମପୁର ଜେଲରେ ବିଚାରଧୀନ କଏଦୀ ଭାବେ ରହିଛନ୍ତି। ଗୁରୁବାର ଉକ୍ତ ମାମଲାର ବିଚାରଣା ବେଳେ କୋର୍ଟରେ ସେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଭାଲୁକୁଟି ଜଙ୍ଗଲରେ ଯୁବକଙ୍କ ହତ୍ୟା

- ନିଖୋଜର ୬ଦିନ ପରେ ମୃତଦେହ ଉଦ୍ଧାର
- ବାଇକ୍ ଓ ମୋବାଇଲ ଜବତ କଲା ଖଜୁରିପଡ଼ା ପୁଲିସ





ଫିରିଙ୍ଗିଆ, ୧୦।୭ (ସମିସ)

ନିଖୋଜର ୬ଦିନ ପରେ ଜନୈକ ଯୁବକଙ୍କ ମୃତଦେହ ଭାଲୁକୁଟି ଜଙ୍ଗଲରୁ ଉଦ୍ଧାର ହୋଇଛି। ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ସଲାଗୁଡା ପଞ୍ଚାୟତ ବିନକିମେଣ୍ଡି ଗାଁର ତପନ ରଣା।

ପ୍ରକାଶ ଯେ, ଗତ ୪ ତାରିଖ ଠାରୁ ତପନ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ଅଞ୍ଚଳ ତଥା ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି ପରେ ସନ୍ଧାନ ନ ମିଳିବାରୁ ଗୋଛାପଡ଼ା ଥାନାରେ ଲିଖିତ ଭାବରେ ଜଣାଇଥିଲେ। ଆଜି ଖଜୁରିପଡ଼ା ଥାନା ଗୁଦାରୀ ପଞ୍ଚାୟତ ଏୟାରଷ୍ଟ୍ରିପ ଗୁଦାରୀ ଠାରୁ ଏକ କିଲୋମିଟର ଦୂର ଭାଲୁକୁଟି ଜଙ୍ଗଲରୁ ନିଖୋଜ ଯୁବକଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ଯୁବକ ଜଣକ ସାଙ୍ଗରେ ନେଇଥିବା ପଲସର ବାଇକ ଓ ମୋବାଇଲକୁ ପୁଲିସ ଜବତ କରିଛି।

ଆଜି ସକାଳେ ଗୁଦାରୀ ଅଞ୍ଚଳର କିଛି ଲୋକେ ଜଙ୍ଗଲକୁ ଯାଇଥିବା ବେଳେ ଜଣେ ଯୁବକର ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପାଇ ଖଜୁରିପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ବୌଦ୍ଧରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଗୋଛାପଡ଼ା ଥାନାକୁ ଖବର ଦିଆଯାଇଥିଲା। ଯୁବକଙ୍କ ପରିବାରକୁ ମୃତଦେହ ଚିହ୍ନଟ ପାଇଁ ଡକାଯାଇଥିଲା। ପରିବାର ଲୋକେ ପହଞ୍ଚି ମୃତ ଯୁବକ ତପନ ବୋଲି ଚିହ୍ନଟ କରିଥିଲେ। ଖଜୁରିପଡ଼ା ଓ ଗୋଛାପଡ଼ା ପୁଲିସ ତଦନ୍ତ ଆରମ୍ଭ କରିଛି। ଯୁବକ ଜଣକ ତଳେ ପଡ଼ିଥିବାରୁ କିଭଳି ଓ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି ଜଣାପଡୁନାହିଁ। ତଦନ୍ତ ପରେ ପ୍ରକୃତ ଘଟଣା ଜଣା ପଡ଼ିବ ବୋଲି ଗୋଛାପଡ଼ା ଥାନା ଅଧିକାରୀ ଚିରଞ୍ଜିବୀ ବେହେରା ସୂଚନା ଦେଇଛନ୍ତି। ପଞ୍ଚନାମା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ତପନକୁ ହତ୍ୟା କରି କେହି ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ଘଟଣାର ସତ୍ୟାସତ୍ୟ ବାହାରକୁ ଆଣିବା ପାଇଁ ନିବେଦନ କରିଛନ୍ତି।

- ରଥଯାତ୍ରା ଡ୍ୟୁଟି ସାରି ପୁରୀରୁ ଫେରୁଥିଲେ

## ଓଲଟିଲା ବସ୍; ଅଳ୍ପକେ ବର୍ତ୍ତିଲେ ୨୨ ଯବାନ

ମୋହନା, ୧୦।୭ (ସମିସ): ପୁରୀରୁ ରଥଯାତ୍ରା କାମ ସାରି ୨୨ ଜଣ ଯବାନ ଏକ ସିଟି ରାଇଡ଼ ବସରେ କୋରାପୁଟ ଅଭିମୁଖେ ଯାଉଥିବା ବେଳେ ଆଜି ସକାଳ ୫ଟା ଅନ୍ତର୍ଗତ ମାଣ୍ଡିମେରା ପଞ୍ଚାୟତ ଜାଙ୍ଗୁଡ଼ି ଘାଟି ବୁଲାଣି ଜାତୀୟ ରାଜପଥ ନିକଟରେ ଚାଳକଙ୍କ ଆଖି ଲାଗିଯିବାରୁ ଏକ ପୋଲକୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା।



ବେଳେ ବସ୍‌ଟି ରାସ୍ତା କଡ଼କୁ ଓଲଟି ପଡ଼ିଛି। ହେଲେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୨୨ ଯବାନ।

ସୂଚନା ଯୋଗ୍ୟ, ପୁଲିସ୍ ଗାଡ଼ିଟି ରଥଯାତ୍ରା କାମ ସାରି କୋରାପୁଟ ଫେରୁଥିବା ବେଳେ ଅଡ଼ବା ଥାନା ଫଳରେ ବସ୍‌ରେ ବସିଥିବା ୨୨ ପୁଲିସ ଯବାନ ଅଳ୍ପକେ ବର୍ତ୍ତିଯାଇଥିଲେ। ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ଅଡବା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶଙ୍କରାଖୋଲରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ



ଚକାପାଦ,୧୦।୭ (ସମିସ): ଡ୍ରାଇଭର ମହାସଂଘର ଡାକରା କ୍ରମେ ଚକାପାଦ ବ୍ଲକ ଡ୍ରାଇଭର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରୁଛନ୍ତି। ଚକାପାଦ ବ୍ଲକ ଶଙ୍କରାଖୋଲ ଡ୍ରାଇଭର ସଂଘ ସଭାପତି କାଳିଆ ପ୍ରଧାନ, ସମ୍ପାଦକ ମହାପାତ୍ର ପ୍ରଧାନ, କୋଷାଧ୍ୟକ୍ଷ ଲାଲୁ କହଁରଙ୍କ ସହ ବହୁସଂଖ୍ୟାରେ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଥିଲେ। ଦାବି ପୂରଣ ପାର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି।

- ୭ ଗ୍ରାମର ଚାଷୀଙ୍କ କେନାଲ ମରାମତି ଘଟଣା

## ବିଭାଗୀୟ ଅଧିକାରୀ କଲେ କ୍ଷେତ୍ର ପରିଦର୍ଶନ

ଜି.ଉଦୟଗିରି,୧୦।୭ (ସମିସ): ଜି.ଉଦୟଗିରି ବ୍ଲକ ଜଡାଙ୍ଗବାଲି, ବାଡେନାଜୁ, ମାଲିକପଡ଼ି, କୂପାଗୁଡା, ନୂଆସାହୀ, କନବାଗିରି, ବାଲୁପାଙ୍ଗା ପ୍ରଭୃତି ୭ ଗ୍ରାମର ଚାଷୀ ଏକାଠି ହୋଇ ନିଜେ ଅର୍ଥ ଦେବା ସହିତ ଜେସିବି ଲଗାଇ କେନାଲ ମରାମତି ବୁଧବାର କରିଥିଲେ। କେନାଲ ମରାମତି ହେଲେ ପାଣି ଆସିଲେ ତଳି ରୁଆ ହେବା ପାଇଁ ଚାହିଁ ବସିଥିବା ବେଳେ ଦିନ ତମାମ ମରାମତି କାମରେ ଲାଗିଥିଲେ। ଜଳସେଚନ ବିଭାଗର ଆନ୍ତରିକତା ଅଭାବରୁ ଚାଷୀମାନେ ଦୀର୍ଘ ବର୍ଷ ହେଲା କେନାଲ ମରାମତି କରି ଆସୁଥିବା ବେଳେ ଅସନ୍ତୋଷ ବଢିବାରେ ଲାଗିଥିଲା। ଏହି ଘଟଣା ପ୍ରକାଶି ପରେ ଆଜି ବିଭାଗୀୟ ଅଧିକାରୀ ଅଶୋକ ମହାପାତ୍ର କ୍ଷେତ୍ର ପରିଦର୍ଶନ କରିବା ସହିତ କିଭଳି ଚାଷୀ ନିରନ୍ତର ପାଣି ପାଇପାରିବେ ତାହାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ ମଧ୍ୟ ଏସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଅନେକ ପ୍ରତିଶ୍ରୁତି ମିଳିଥିବା ସତ୍ତ୍ୱେ କାର୍ଯ୍ୟକାରୀ ହୋଇନାହିଁ। ଏଭଳି ସ୍ଥିତିରେ ପ୍ରତିଶ୍ରୁତିର କାର୍ଯ୍ୟକାରୀତାକୁ ଚାଷୀ ଚାହିଁ ବସିଥିବା କହିଛନ୍ତି।

## ଗାଦି ଛାଡ଼ିବାକୁ ଅମଙ୍ଗ କନିଷ୍ଠ ଯନ୍ତ୍ରୀ

ଗୁମ୍ମା, ୧୦।୭ (ସମିସ): ଗତ ଜୁନ୍ ୧୭ରେ ଗଜପତି ଜିଲ୍ଲା ପରିଷଦ ଦ୍ୱାରା ଚିଠି ନଂ.୨୩୨୮/୨୪୩୪ ଆଦେଶ ପ୍ରକାରେ ଜିଲ୍ଲାର ଗୁମ୍ମା, ନୂଆଗଡ଼, ଗୋଷାଣୀ, ମୋହନା ଓ ରାୟଗଡ଼ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ବଦଳି ହୋଇଥିଲା। କିନ୍ତୁ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ ନ କରିବାକୁ ଚାପ ପ୍ରୟୋଗ କରିବା ସହ ଅଦୃଶ୍ୟ ଚାପରେ ଜିଲ୍ଲା ପ୍ରଶାସନକୁ ଚେପା କରିବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ ହେଉଛି। ଗୁମ୍ମା ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀ ପଦୋନ୍ନତି ପାଇ ଅନ୍ୟ ଜିଲ୍ଲାକୁ ବଦଳି ହୋଇଛନ୍ତି। ସେ କିନ୍ତୁ ଗୁମ୍ମା ବ୍ଲକରେ ହିଁ ସହକାରୀ କନିଷ୍ଠ ଯନ୍ତ୍ରୀ ଭାବେ ରହିବାକୁ ଚାହୁଁଛନ୍ତି। ସେହିଭଳି ଅନ୍ୟ ଦୁଇ କନିଷ୍ଠଯନ୍ତ୍ରୀଙ୍କ ଅନ୍ୟ ବ୍ଲକକୁ ବଦଳି ହୋଇଥିବା ବେଳେ ଉକ୍ତ ଯନ୍ତ୍ରୀ ଦାୟିତ୍ୱ ହସ୍ତାନ୍ତର ନ କରିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସରକାରୀ ବାବୁ ଗୁମ୍ମା ବ୍ଲକ ନ ଛାଡ଼ିବାର କାରଣ କ'ଣ ତାହା ଏବେ ଆଲୋଚନାର ବିଷୟ ପାଲଟିଛି।

ଗୁମ୍ମା ପ୍ରତି ଆତ୍ମିୟତା ନା ଆଉ କିଛି କାରଣ ସେ ସମ୍ପର୍କରେ ଆଲୋଚନା ହେଉଛି। ସରକାରଙ୍କ ନିୟମ ଅନୁସାରେ ଜଣେ ସରକାରୀ କର୍ମଚାରୀ ତିନି ବର୍ଷ ଗୋଟିଏ ସ୍ଥାନରେ କାର୍ଯ୍ୟ କରିବା ପରେ ବଦଳି ହୋଇଥାଏ। କିନ୍ତୁ ଗୁମ୍ମା ବ୍ଲକରେ ବର୍ତ୍ତମାନ ସୁଦ୍ଧା ଅନେକ କର୍ମଚାରୀ ଚୌକି ଛାଡିବାକୁ ଅମଙ୍ଗ ହେଉଛନ୍ତି। ଏଥିରେ ଦୁର୍ନୀତିର ଗନ୍ଧ ବାରି ହେଉଛି ବୋଲି କୁହାଯାଉଛି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏନେଇ ଜିଲ୍ଲାପାଳଙ୍କୁ ଚିଠି କରାଯାଇ ଦୁଇ ଦିନ ମଧ୍ୟରେ ସମସ୍ତ ଯନ୍ତ୍ରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେରକେଟା କହିଛନ୍ତି।

## ଗଡୁନି ଘରୋଇ ବସ୍; ସରକାରୀ ବସ୍‌ରେ ଭିଡ଼

ଜି.ଉଦୟଗିର.୧୦।୭ (ସମିସ): ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ ତିନି ଦିନରେ ପହଞ୍ଚିଛି। ଏହାର ପ୍ରଭାବ ବ୍ୟବସାୟ ଉପରେ ପଡ଼ିବା ସହିତ ଖାଦ୍ୟ ସାମଗ୍ରୀର ଅଭାବ ସାଙ୍ଗକୁ ଦର ବୃଦ୍ଧି ପାଇଛି। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁଁ ଯାତ୍ରୀ ବିଶେଷ ପ୍ରଭାବିତ ହୋଇଛନ୍ତି। ଦିନରେ କଟକରୁ ବାଲିଗୁଡା ରୁଟରେ ଗୋଟିଏ ହିଁ ସରକାରୀ ବସ୍ ଚାଲୁଛି। ଆଉ ଗୋଟିଏ ବସ ବନ୍ଦ ଅଛି। ଚାଲୁଥିବା ଗୋଟିଏ ସରକାରୀ ବସରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଛି। ଲୋକ ଠିଆ ହେବାକୁ ଜାଗା ନଥିବା ବେଳେ କର୍ମଚାରୀ ଅସହାୟ ହୋଇପଡ଼ିଛନ୍ତି। ଟିକଟ କରିଥିବା ଯାତ୍ରୀ ତାର ସିଟରେ ବସି ପାରୁନି।



ଗୋଟିଏ ବସ୍ ଉପରେ ସମସ୍ତେ ନିର୍ଭର କରିଥିବା ବେଳେ ପ୍ରବଳ ଭିଡ଼ ହେଉଛି। ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗଣ୍ଡା ଗଣ୍ଡା ନୂଆ ସରକାରୀ ବସ୍ ଖତ ଖାଉଥିବା ବେଳେ ବନ୍ଦ ହୋଇଥିବା କଟକ-ବାଲିଗୁଡା ସରକାରୀ ବସ୍କୁ ଶୀଘ୍ର ଏବଂ ନିୟମିତ ଚଳାଚଳ କରିବାକୁ ସାଧାରଣରେ ଦାବି ହେଉଛି।

## ବିଜେଡି ନେତା କହ୍ନେଶ୍ୱରଙ୍କ ଶୋକସଭାରେ ବିଧାୟକ




ଗୁମ୍ମା, ୧୦।୭ (ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁମ୍ମା ବ୍ଲକ ସଦର ମହକୁମାର ଗୌଡ଼ସାହିର ବରିଷ୍ଠ ବିଜେଡି ନେତା କହ୍ନେଶ୍ୱର ଗୌଡ଼ଙ୍କ ରଥଯାତ୍ରା ଦିନ ପରଲୋକ ଘଟିଥିଲା। ଏନେଇ ବିଧାୟକ ଇ.ରୂପେଶ କୁମାର ପାଣିଗ୍ରାହୀ ଶୋକ ପ୍ରକାଶ କରିବା ସହ ଗୁମ୍ମା ବ୍ଲକ ବିଜେଡି ପକ୍ଷରୁ ଏକ ଶୋକସଭା ଆୟୋଜନ କରିବାକୁ କହିଥିଲେ। ଆଜି ଶୋକସଭା ଆୟୋଜିତ ହୋଇଥିବାବେଳେ ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ପାଣିଗ୍ରାହୀ, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ କୁମାର ନାୟକ, ଗୁମ୍ମା ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ବରିଷ୍ଠ ବିଜେଡି ନେତା ଡି ଆପାରାଓ, ଅଜୟ ବଡନାୟକ, ପିତର ଦୋରା, ବୃଷଭ ସମିତିସଭ୍ୟ ବୁଲୁ ରଇତ, ଗେରସମ୍ ପାଣି, ମସୁଲନ ରଇତ, ଦେବେନ୍ଦ୍ର ନାୟକ ଓ ବାବୁନା ଜେନା ଏଥିରେ ଯୋଗ ଦେଇଥିଲେ। ସ୍ୱର୍ଗତ କହ୍ନେଶ୍ୱରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କ ଧର୍ମପତ୍ନୀ ଓ ପୁତ୍ରଙ୍କୁ ସମବେଦନା ଜଣାଇଥିଲେ। ପ୍ରିତମ ପାଲ୍, ସନ୍ତୋଷ ଦଣ୍ଡସେନା, ସନ୍ତୋଷ ପରିଛା, ଶୁଭାଶିଷ ଏଡଲା, ପ୍ରଶ୍ରୟ ରଞ୍ଜନ ପାଣି, ଆହଜ ମାଛ, ମାଇକେଲ ଷଡ଼ଙ୍ଗୀ ଓ ନିରୋଜ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା

ପାରଳାଖେମୁଣ୍ଡି,୧୦।୭ (ସମିସ): ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଗୈରିକ ଧ୍ୱଜାକୁ ପୂଜନ କରିବା ସହ ଆଜିକାର ଦିବସର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଦେବୀ ମଠର ମହନ୍ତ ରାମାନନ୍ଦ ଦାସ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅବିଭାବକମାନଙ୍କ ସହଯୋଗ କରିଥିଲେ।




## ପାରଳାଖେମୁଣ୍ଡିରେ ଠାକୁରଙ୍କ ଲକ୍ଷ୍ମୀନାରାୟଣ ବେଶ

ପାରଳାଖେମୁଣ୍ଡି, ୧୦।୭ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ଆଷାଢ଼ ପୂର୍ଣ୍ଣିମା ଅବସରରେ ତିନି ଠାକୁରଙ୍କ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦେଖିବା ପାଇଁ ଜିଲ୍ଲା ଓ ରାଜ୍ୟ ବାହାରୁ ହଜାର ହଜାର



ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ବିଶେଷ କରି ମହିଳା ଓ ବୟସ୍କ ବ୍ୟକ୍ତିଙ୍କ ଭିଡ ଅଧିକ ରହିଥିଲା। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ।

## ରାଜେଶ କୁମାର ମିଶ୍ର ଗଜପତି ଜିଲ୍ଲା ନୂତନ ଏପିପି



ପାରଳାଖେମୁଣ୍ଡି, ୧୦।୭ (ସମିସ): ଗଜପତି ଜିଲ୍ଲାର ନୂତନ ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର (ଅଭିଯୋଜନ ଅଧିକାରୀ) ଭାବେ ରାଜେଶ କୁମାର ମିଶ୍ର ଯୋଗଦାନ କରିଛନ୍ତି। ଶ୍ରୀ ମିଶ୍ର ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଛତ୍ରପୁର ସ୍ଥିତ ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତ (ଏସଡିଜେଏମ୍ କୋର୍ଟ)ରେ ଏପିପି ଭାବେ କାର୍ଯ୍ୟରତ ଥିଲେ। ଗଜପତି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଓ ଶାନ୍ତ ପ୍ରବଣ ଜିଲ୍ଲା। ଏହି ଜିଲ୍ଲାରେ ଗଞ୍ଜେଇ ଓ ଅନ୍ଧବିଶ୍ୱାସ ମାମଲା ଅଧିକା ରହିଛି। ସେଥି ନିମନ୍ତେ ଲୋକଙ୍କୁ ଅଧିକ ସଚେତନତା କରିବା ଆବଶ୍ୟକତା ରହିଛି ବୋଲି ଏହି ଅବସରରେ ଶ୍ରୀ ମିଶ୍ର କହିଥିଲେ।

## ସିଦ୍ଧାମଡ଼ଙ୍ଗରେ ସମବାୟ ବିଭାଗର ଚାରାରୋପଣ



ପାରଳାଖେମୁଣ୍ଡି,୧୦।୭ (ସମିସ): ଅନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଗଜପତି ଜିଲ୍ଲା କାଶୀନଗର ବ୍ଲକ ସିଦ୍ଧାମଡ଼ଙ୍ଗରେ ଜିଲ୍ଲାସ୍ତରୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଜୟ କୁମାର ଦାଶ ଓ ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ ଯୋଗ ଦେଇଥିଲେ। ଉଭୟେ ସିଦ୍ଧାମଡଙ୍ଗ ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀ ଚାରାରୋପଣର ମହତ୍ତ୍ୱ ଉପରେ କହିଥିଲେ। ଡିଆରସିଏସ୍ ହରିହର ସେଠ୍‌ଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସିଦ୍ଧାମଡଙ୍ଗ ସରପଞ୍ଚ ଜି. ସ୍ୱର୍ଣ୍ଣମଞ୍ଜରୀ, ବନାଞ୍ଚଳ ଅଧିକାରୀ ବ୍ରହ୍ମାନନ୍ଦ ସାହୁ, ପ୍ରାଥମିକ କୃଷି ସମବାୟ ସମିତର ସଭାପତି ଓଡିଶୀ ଜାନକୀ ରାଓ ଓ ସମ୍ପାଦକ ଡି. ସଞ୍ଜୀବ କୁମାର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ

ପାରଳାଖେମୁଣ୍ଡି, ୧୦।୭ (ସମିସ): ଗଜପତି ଜିଲ୍ଲା ମୃର୍ତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ନିରୋଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୁଶାନ୍ତ ରଞ୍ଜନ ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼.ବିଦ୍ୟୁତ୍ ଶେଖର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗଜପତି ସୁରେଶ ପଟ୍ଟନାୟକ, ସେଞ୍ଚୁରିୟନ୍ ବିଶ୍ୱ ବିଦ୍ୟାଳୟର ସହକାରୀ ଅଧ୍ୟାପକ ଅରବିନ୍ଦ ଉପାଧ୍ୟାୟ ଯୋଗ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ମତ୍ସ୍ୟ ଚାଷୀଙ୍କୁ ଅଳ୍ପ ଅର୍ଥ ବିନିଯୋଗ କରି ଅଧିକ ଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ତିନି ଜଣ ସଫଳ ମତ୍ସ୍ୟ ଚାଷୀ କାଶୀନଗର ବ୍ଲକର ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ, ଗୋଷାଣି ବ୍ଲକର ଗେଡେଲା କଳ୍ପନା ଓ ଗୁମ୍ମା ବ୍ଲକର ଏଲିଓ ରଇତଙ୍କୁ ସଫଳ ମତ୍ସ୍ୟ ଚାଷୀ ଭାବେ ଅତିରିକ୍ତ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ କିଶୋର ଚନ୍ଦ୍ର ପତି ପରିଚାଳନା କରିଥିଲେ।



**ବସୁଧା ଜଳ ପ୍ରକଳ୍ପ ଅଚଳ**

## ପାଣି ପାଇଁ ହନ୍ତସନ୍ତ ଟେଲାପାଲି ସହ ୪ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

ଫିରିଙ୍ଗିଆ, ୧୦।୭ (ସମିସ)

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତ କୁଡୁକିରେ ବସୁଧା ଜଳ ପ୍ରକଳ୍ପ ଗତ ୪ ତାରିଖ ଠାରୁ ଅଚଳ ହୋଇପଡ଼ିଛି। ଏଥିଯୋଗୁଁ ୱାର୍ଡ ୮ ଏବଂ ୯ର କୁଡୁକି, ଟେଲାପାଲି, କୁଟିପଦର, ଲଦାପଦର ଭଳି ୪ରୁ ଊର୍ଦ୍ଧ୍ୱ ଗାଁର ପ୍ରାୟ ୯୦ରୁ ଅଧିକ ଘର ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪ ତାରିଖ ଠାରୁ ଏହି ପ୍ରକଳ୍ପ ଅଚଳ ହୋଇ ପଡ଼ିଥିଲେ ହେଁ ଆଜି ପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ପାନୀୟଜଳ ପାଇଁ ଅନ୍ୟାନ୍ୟ କୌଣସି ବ୍ୟବସ୍ଥା ନ ଥିବାରୁ ଏହି ବସୁଧା ଜଳ



ଅମଳ ପ୍ରକଳ୍ପ ଏକ ମାତ୍ର ଭରସା ହୋଇଛି। ବର୍ତ୍ତମାନ ବର୍ଷା ଲାଗି ରହିଥିବା ବେଳେ ନଦୀ ନାଳ ସହ ଚୁଆ ମାନଙ୍କରେ ଗୋଳି ପାଣି ଆସୁଥିବାରୁ ଲୋକେ ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ତୁରନ୍ତ ଏହି ପ୍ରକଳ୍ପର ମରାମତି ସହ ପାଣି ଯୋଗାଇ ଦେବାକୁ ଦାବି ହେଉଛି। ଟେଲାପାଲୀ, କୁଡୁକି, ଲଦା ପଦର, କୁଟିପଦର ଗ୍ରାମବାସୀ ଏସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପମ୍ପଚାଳକ ସୀତାରାମ କହଁରଙ୍କୁ ପଚାରିବାରୁ ପ୍ରକଳ୍ପର ମେସିନ ଖରାପ ଅଛି ବୋଲି କହିଛନ୍ତି। ଦାୟିତ୍ୱ ଥିବା ଆରଡବ୍ଲୁଏସଏସ ଅଧିକାରୀ ଅଜିତ କୁମାର ବେହେରାଙ୍କୁ ପଚାରିବାରୁ ତାଙ୍କ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ତୁରନ୍ତ ପ୍ରକଳ୍ପ ମରାମତି ସହ ସେହି ଅଞ୍ଚଳବାସୀଙ୍କୁ ପାଣି ଯୋଗାଇବାକୁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

- ପିଉଛନ୍ତି ଦୂଷିତ ପାଣି; ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା

## ଗୁମ୍ମା ବ୍ଲକ୍‌ରେ ପୁଣି 'ବିଜୁ ଗାଁ ଗାଡ଼ି ବସ୍' ଚଳାଚଳ ଦାବି



ପାରଳାଖେମୁଣ୍ଡି,୧୦।୭(ସମିସ): ଗୁମ୍ମା ବ୍ଲକରେ ପୁଣି ଥରେ ବିଜୁ ଗାଁ ଗାଡି ଯୋଜନାରେ ବସ୍ ଚଳାଚଳ କରିବାକୁ ଦାବି ହୋଇଛି। ଏନେଇ ଗୁମ୍ମା ବ୍ଲକ ବାସିନ୍ଦା ଗଜପତି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ, ଗଜପତି ଜିଲ୍ଲା ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ଏହି ଯୋଜନାରେ ୨୦୧୪ ମସିହାରୁ ଚାରୋଟି ବସ୍ ଚଳାଚଳ କରୁଥିଲା।

ହେଲେ ଦୁଇ ମାସ ହେଲା ବସ୍ ଚଳାଚଳ ବନ୍ଦ ହୋଇଯାଇଛି। କରୋନା ସମୟରେ କଟକଣା ଯୋଗୁଁ ବସ୍ ଦୁଇ ବର୍ଷ ଚଳାଚଳ ବନ୍ଦ ହେବା କାରଣରୁ ଆର୍ଥିକ ଦୃଷ୍ଟିରୁ କ୍ଷତି ହୋଇଥିଲା। ଏହି କାରଣରୁ ବସ୍‌ର ଉକ୍ତ ସମୟର ବିଭିନ୍ନ ଟିକସ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପୈଠ କରିପାରିନଥିଲେ। ସେହିକାରଣରୁ ଗତ ଦୁଇମାସ ହେଲା ବସ୍ ଚଳାଚଳ ବନ୍ଦ ହୋଇଯାଇଛି। ଏଥିଯୋଗୁଁ ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ନିମନ୍ତେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଗୁମ୍ମା ବ୍ଲକବାସୀ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ସହିତ ଆଲୋଚନା କରିଥିଲେ। ଏହି ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଦାଶ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ସଚେତନ ହେଉନି କି ଗଛ ଲାଗୁନି

# ଅବାଟରେ ଇକୋ କ୍ଲବ୍; ଅନୁଦାନ ବାଟବଣା

ବ୍ରହ୍ମପୁର/ପାତ୍ରପୁର,୧୦।୭(ସମିସ)

ବିଦ୍ୟାର୍ଥୀଙ୍କୁ ପାଠ ପଢା ସମୟରୁ ପାଣିପାଗ ପରିବର୍ତ୍ତନ ଓ ଜଳବାୟୁ ସମ୍ପର୍କରେ ସଚେତନତା କରିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି କୁହାଯାଉଛି। ଛାତ୍ରାବସ୍ଥାରେ ଗଛ ଲଗାଇବା, ପରିବେଶ ସନ୍ତୁଳନ ରକ୍ଷା କରିବାରେ ପିଲାମାନେ ଛୋଟ ଛୋଟ ପଦକ୍ଷେପ ଆପଣାଇ ନେବାକୁ ସଚେତନତା ହେବାର ଆବଶ୍ୟକତାକୁ ସରକାର ଉପଲବ୍ଧି କରିଛନ୍ତି। ଏହିକ୍ରମରେ ସ୍କୁଲ ସ୍ତରରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ବିଭିନ୍ନ କ୍ଲବ ଗଠନ କରି ବୃକ୍ଷରୋପଣ ଠାରୁ ପରିବେଶ ସୁରକ୍ଷା ଆଦି ବିଭିନ୍ନ ଦିଗରେ ସଚେତନତା ମଧ୍ୟ ହେଉଛି। କିନ୍ତୁ ବାସ୍ତବରେ ଏହା ହେଉଛି ତ। ସେନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତି ସ୍କୁଲରେ ଗଠିତ ସବୁଜ ବାହିନୀ ବା ଇକୋ କ୍ଲବ ଲାଗି ସରକାର ବାର୍ଷିକ ହଜାର ହଜାର ଟଙ୍କା ଅନୁଦାନ ଦେଉଥିବା ବେଳେ ଏହା କାର୍ଯ୍ୟରେ ଲାଗୁନଥିବା ଅଭିଯୋଗ ହୋଇଛି।

ସୂଚନାପ୍ରକାରେ, ୨୦୦୧ ରେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରତି ଜିଲ୍ଲାରେ ୫୦ରୁ ଅଧିକ ସ୍କୁଲରେ ଇକୋ କ୍ଲବ ଆରମ୍ଭ ହୋଇଥିଲା। ଏହି ଜରିଆରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ସଚେତନତା ଓ ବୃକ୍ଷରୋପଣକୁ ଜୋର ଦିଆଯାଇଥିଲା। ଏଥିଲାଗି ସରକାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଥିଲେ। ପରବର୍ତ୍ତି ସମୟରେ ଏହାକୁ ବୃଦ୍ଧି କରାଯାଇଥିଲା। ଗଞ୍ଜାମ ଜିଲ୍ଲାର ୨୫୦ ସ୍କୁଲ ଇକୋ କ୍ଲବରେ ସାମିଲ ହୋଇଥିଲା। ହେଲେ ୨୦୧୩ମସିହାରେ ରାଜ୍ୟ ସରକାର ରାଜ୍ୟର ୨୦୦୦ସ୍କୁଲକୁ ଇକୋ କ୍ଲକ ବା ସବୁଜ ବାହିନୀରେ ସାମିଲ କରିଥିଲେ। ଫଳରେ ଗଞ୍ଜାମ ଜିଲ୍ଲାରେ ଆଉ ୨୦୦ ସ୍କୁଲ ଏହାର ଅନ୍ତର୍ଭୂକ୍ତ ହୋଇଥିଲା। ସମୁଦାୟ ୪୫୦ସ୍କୁଲରେ ଇକୋ କ୍ଲବ ଗଢି ଉଠିଥିଲା। ପରିତାପର ବିଷୟ ୨୦୧୩ମସିହାରେ କେନ୍ଦ୍ର ସରକାର ଇକୋ କ୍ଲବ ଯୋଜନାକୁ ସ୍ଥଗିତ ରଖିବା ସହ ଏହାର ଅନୁଦାନ ମଧ୍ୟ ଠପ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଷ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଅନୁଦାନ ମିଳୁଥିଲା। ଫଳରେ ବନ ବିଭାଗର ସହଯୋଗରେ ଗଛ ଲଗା ଓ ପରିବେଶ ସଚେତନତା ଇତ୍ୟାଦି କାର୍ଯ୍ୟ ଜାରି ରହିଥିଲା। ଗତ ଦୁଇରୁ ତିନିବର୍ଷ ହେବ ରାଜ୍ୟ ସରକାର ପ୍ରତ୍ୟେକ ସ୍କୁଲରେ ୟୁଥ୍ ଆଣ୍ଡ ଇକୋ କ୍ଲବ ଗଠନ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ସରକାରୀ ସ୍କୁଲକୁ ୨୫ ହଜାର, ପ୍ରଥମରୁ ଅଷ୍ଟମ ଯାଏଁ ଥିବା ସ୍କୁଲକୁ ୧୫ହଜାର ଓ ପ୍ରଥମରୁ ପଞ୍ଚମ ଯାଏଁ ପାଠ୍ୟକ୍ରମ ଥିବା ସ୍କୁଲକୁ ୧୦ହଜାର ଟଙ୍କା ଲେଖାଏଁ ସହାୟତା ଦେଉଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଅଧିନରେ ଥିବା ଓସେପା ଦ୍ୱାରା ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ସ୍କୁଲରେ ଗଢି ଉଠିଥିବା ଇକୋ କ୍ଲବକୁ ଆର୍ଥିକ ସହଯୋଗ ପ୍ରଦାନ କରାଯାଉଥିଲା। ୧୨ ମାସରେ ଅର୍ଥାତ ବିଭିନ୍ନ ସମୟରେ ପରିବେଶ ସଚେତନତା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ଏହାର ଉଦ୍ଦେଶ୍ୟ ଥିଲା। ଏଥିଲାଗି ଏକ କ୍ୟାଲେଣ୍ଡର ମଧ୍ୟ ପ୍ରକାଶ ପାଇଛି। ବିଭିନ୍ନ ଦିବସରେ ଗଛ ଲଗାଇବା ଏହାର ଅନ୍ୟତମ ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି। ଏହି ଅନୁଦାନ ଡିପିସିଙ୍କ ଜରିଆରେ ସିଧାସଳଖ ସ୍କୁଲକୁ ଯାଇଥାଏ ବୋଲି ଜଣାପଡ଼ିଛି। କିନ୍ତୁ ଏହି ଅନୁଦାନ ଖର୍ଚ୍ଚରେ ବ୍ୟାପକ ଅନିୟମିତତା ଲକ୍ଷ୍ୟ କରାଯାଇଛି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ସ୍କୁଲରେ ଏହାର ସଠିକ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି। ଫଳରେ ସରକାରୀ ପଇସା ବାଟମାରଣା ହେଉଥିବା ସ୍ପଷ୍ଟ ହୋଇଛି।

**ଉପାନ୍ତର ସ୍କୁଲଗୁଡ଼ିକରେ ଜଟିଳ ସ୍ଥିତି**

**ବନ ମହୋତ୍ସବ ଭୁଲି ଯାଇଛନ୍ତି ସ୍କୁଲ କର୍ତ୍ତୃପକ୍ଷ**

ବିଶେଷ କରି ଉପାନ୍ତାରେ ଥିବା ସ୍କୁଲ ଗୁଡ଼ିକରେ ଇକୋ କ୍ଲବ ସ୍ଥାଣୁ ପାଲଟିଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଜଳବାୟୁ ପରିବର୍ତ୍ତନକୁ ନଜରରେ ରହି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ପ୍ରଦାନ ଦେଇ ଅନେକ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି। ବିଶେଷ କରି ଜୁଲାଇ ମାସ ଆରମ୍ଭରେ ବନ ମହୋତ୍ସବ ସପ୍ତାହ ପାଳନ ପାଇଁ ସାରା ରାଜ୍ୟରେ ବିଭିନ୍ନ ବିଭାଗ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଉଛି। ହେଲେ ବିଡମ୍ବନାର ବିଷୟ ପାତ୍ରପୁର ବ୍ଲକର ବିଭିନ୍ନ ବିଦ୍ୟାଳୟ କର୍ତ୍ତୃପକ୍ଷ ଇକୋ କ୍ଲବ ଗଠନ କରିଛନ୍ତି କିନ୍ତୁ କୌଣସି କାର୍ଯ୍ୟକ୍ରମ କରୁନଥିବା ଲକ୍ଷ୍ୟ କରାଯାଇଛି। ବ୍ଲକ୍‌ରେ ପ୍ରାୟ ୧୪୦ରୁ ଉର୍ଦ୍ଧ୍ୱ ସରକାରୀ ବିଦ୍ୟାଳୟ ରହିଥିବା ବେଳେ ବନ ମହୋତ୍ସବ ସପ୍ତାହରେ ବିଦ୍ୟାଳୟ ଗୁଡିକରେ ବନ ମହୋତ୍ସବ ସପ୍ତାହ ତଥା ଚାରାରୋପଣ କାର୍ଯ୍ୟକ୍ରମ ଆଶାନୁପାତ କରାଯାଇନଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗଠିତ ହୋଇଥିବା ପ୍ରହସନ ପାଲଟିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସରକାର ପରିବେଶ ସୁରକ୍ଷା ପ୍ରତି ବର୍ତ୍ତମାନ ଶିଶୁମାନେ ଯତ୍ନବାନ ହୁଅନ୍ତୁ ବୋଲି ବିଦ୍ୟାଳୟ ସ୍ତରରେ ଅନେକ ବିଭାଗ ଠାରୁ ଆରମ୍ଭ କରି ପାଠ୍ୟ ପୁସ୍ତକରେ ମାଧ୍ୟମରେ ଶିକ୍ଷା ପ୍ରଦାନ କରୁଛନ୍ତି । ହେଲେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ହେଉ କି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ବାଟବଣା ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ପୃଷ୍ଟିଙ୍କ ସହ ଯୋଗାଯୋଗ କରିବାରୁ ମୁଁ ଛୁଟିରେ ଅଛି ମୋ ପାଖରେ ସମ୍ପୂର୍ଣ୍ଣ ତଥ୍ୟ ନାହିଁ ପରେ ସଂଗ୍ରହ କରି ଦେବି ବୋଲି କହିଥିଲେ। ତେବେ ବିଦ୍ୟାଳୟ ଗୁଡିକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ତଦାରଖ କରିବା ଦାୟିତ୍ୱ କାହାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଉପରିସ୍ଥ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଲେ ଏହାର ସମାଧାନ ହେବ ବୋଲି ସାଧାରଣରେ ଦାବି ହୋଇଛି।

## ଜଳାଭିଷେକ ପାଇଁ କାଉଡ଼ିଆଙ୍କ ସଂକଳ୍ପ



ମୋହନା,୧୦।୭(ସମିସ): ମୋହନା ଶ୍ରୀ ନୀଳକଣ୍ଠେଶ୍ୱର ବୋଲ୍ ବୋମ ସଂଘ ପକ୍ଷରୁ ଶ୍ରାବଣ ମାସ ଜଳାଭିଷେକ ପାଇଁ ସଂକଳ୍ପ କାର୍ଯ୍ୟକ୍ରମ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ଶିବ ଶଙ୍କର ପଣ୍ଡା ଓ ବିଘ୍ନରାଜ ପଣ୍ଡା ସଂଘର ସମସ୍ତ ବୋଲ୍‌ବମ୍ ଭକ୍ତଙ୍କୁ ସଂକଳ୍ପ କରାଇଥିଲେ।

ଏହି କାର୍ଯ୍ୟକ୍ରମକୁ ସଂଘର ପରିଚାଳନା କମିଟି ସଭ୍ୟ ଯୋଗେନ୍ଦ୍ର ସାହୁ, ସୁମନ ପଟ୍ଟନାୟକ, ରବୀନ୍ଦ୍ର ନାରାୟଣ ପାଢ଼ୀ, ଟି. ପର୍ଶୁରାମ ଆଚାରୀ, କୁନାଲ ବିଷୋୟୀ, ପ୍ରସାଦ ପଟ୍ଟନାୟକ, ଶିବ ଶଙ୍କର ସାହୁଙ୍କ ସମେତ ସମସ୍ତ ଭକ୍ତ ମିଳିତ ଭାବେ ପରିଚାଳିତ କରିଥିଲେ। କାର୍ଯ୍ୟକ୍ରମରେ ମୋହନା ଅଞ୍ଚଳର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଭକ୍ତ ଜଳାଭିଷେକ ନିମନ୍ତେ ସଂକଳ୍ପ ନେଇଥିଲେ।

## ରାସ୍ତାରେ ଓଲଟିଲା ତେଲ ଟ୍ୟାଙ୍କର୍

ବେଲଗୁଣ୍ଠା,୧୦।୭(ସମିସ): ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲି ଗ୍ରାମ ନିକଟରେ ଏକ ତେଲ ବୋଝେଇ ଟ୍ୟାଙ୍କର୍ ଓଲଟି ପଡ଼ିବା ଫଳରେ ପାଞ୍ଚ ଘଣ୍ଟା ଧରି ରାସ୍ତା ବନ୍ଦ ହୋଇଥିଲା। ପାରାଦୀପରୁ ନାୟାରା କମ୍ପାନିର ୨୫୦୦୦ ଲିଟର୍ ତେଲ ନେଇ ଏକ ଟ୍ୟାଙ୍କର୍ ଦାରିଙ୍ଗବାଡ଼ି ଅଭିମୁଖେ ଯାଉଥିଲା ଓ ଦିନ ୧୧ଟାରେ କେଶରାପଲି ନିକଟରେ ଟ୍ୟାଙ୍କର୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ହିଁ ଓଲଟି ପଡ଼ିଥିଲା। ଫଳରେ ରାସ୍ତା ସାରା ତେଲ ଭାସିବା ସହିତ ରାସ୍ତାଟି ଏକ ପ୍ରକାର ଅବରୋଧ ହୋଇପଡ଼ିଥିଲା ଓ ଦୁଇ ଚକିଆ ଯାନ ବ୍ୟତୀତ ଆଉ କୌଣସି ଗାଡ଼ି ଯିବାଆସିବା କରି ନପାରି ଉଭୟ ପାଶ୍ୱର୍ରେ ଅଟକି ରହିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ସନ୍ଧ୍ୟାରେ ଟ୍ୟାଙ୍କର୍‌କୁ ରାସ୍ତା ଉପରୁ ହଟାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡିଛି।

## ଡାଇରିଆ ଭୟ; ଜଳଉତ୍ସ ବିଶୋଧନ

ଶେରଗଡ଼,୧୦।୭(ସମିସ): ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଏବଂ ସାନଖେମୁଣ୍ଡି ବ୍ଲକରେ ଡାଇରିଆରେ ୨ ଜଣଙ୍କ ଜୀବନ ଯାଇଛି। ଏହି ପରିପ୍ରେକ୍ଷୀରେ ଶେରଗଡ ବ୍ଲକ ପକ୍ଷରୁ ବ୍ୟାପକ ସଚେତନତା ଆରମ୍ଭ ହୋଇଛି। ଶେରଗଡ ପଞ୍ଚାୟତ ସମିତି ଅନ୍ତର୍ଗତ ୨୨ ଗୋଟି ପଞ୍ଚାୟତର ୯୫ଟି ଗ୍ରାମରେ ଥିବା ଜଳଯୋଗାଣ ଉତ୍ସ ତଥା ୧୩୮୯ ନଳକୂପ, ୧୮୫ଟି ପାଣି ଟାଙ୍କି, ୧୪୦ଟି ଭୂତଳ ଜଳ ଭଣ୍ଡାରରେ ବିଶୋଧନ କାର୍ଯ୍ୟ ଜୋରସୋରରେ ଜାରି ରହିଛି। ଏହି କାର୍ଯ୍ୟ ଗତ ମାସ ୧୫ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସରିଥିବା




ବେଳେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ବିଶୋଧନ ପ୍ରକ୍ରିୟା ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତିର ସମସ୍ତ ସ୍ୱାବଲମ୍ବୀ କାରିଗର ଓ ଜଳଯୋଗାଣ ବିଭାଗର ସମସ୍ତ କର୍ମଚାରୀ ନିୟୋଜିତ ଅଛନ୍ତି। ଉକ୍ତ କାର୍ଯ୍ୟକୁ ସହକାରୀ ଯନ୍ତ୍ରୀ ଶଶାଙ୍କ ଶେଖର ପାଢୀ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମଳୟ କୁମାର ନାୟକ ଏବଂ ଅଧିକ୍ଷଣ ଯନ୍ତ୍ରୀ ବିକାଶ କୁମାର ପତି ପରିଚାଳନା କରୁଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧାଂଶୁ ଶେଖର ତରାଇ ବ୍ଲକବାସିଙ୍କୁ ଏଥିରେ ସହଯୋଗ କରିବାକୁ ନିବେଦନ କରିଛନ୍ତି।

● ଖୋଲାରେ ବୁଲୁଛନ୍ତି ଆକ୍ରମଣକାରୀ

## ଗିରଫ ପାଇଁ ଏସ୍‌ପିଙ୍କୁ ନିବେଦନ କଲେ ମଣ୍ଡଳ ସଭାପତି

ଶେରଗଡ଼,୧୦।୭(ସମିସ): ଗତମାସ ୧୯ ତାରିଖ ସନ୍ଧ୍ୟାରେ ହିଞ୍ଜିଳି ଥାନା ଶେରଗଡ ବ୍ଲକ ପିଉଳ ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ସ୍ଥାନୀୟ ସରପଞ୍ଚ ରାମ ରାଘବ ପାତ୍ର ଓ ପିଉଳ ମଣ୍ଡଳ ବିଜେପି ସଭାପତି ବିଜୟ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ଉଭୟ ସରପଞ୍ଚ ଓ ମଣ୍ଡଳ ସଭାପତି ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ବଡ ମେଡ଼ିକାଲରେ ଚିକିତ୍ସିତ ହୋଇ ମଣ୍ଡଳ ସଭାପତି ବିଜୟ ପ୍ରଧାନ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ସରପଞ୍ଚ ରାମ ରାଘବ ପାତ୍ର ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ସରପଞ୍ଚଙ୍କ ବାପା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ମୋଟ ୧୩ ଜଣଙ୍କ ନାମରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ହିଞ୍ଜିଳି ପୁଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୋଲାଖୋଲି ବୁଲୁଛନ୍ତି। ଏଭଳି ସ୍ଥିତିରେ ବିଜେପି ମଣ୍ଡଳ ସଭାପତି ବିଜୟ ପ୍ରଧାନଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ହିଞ୍ଜିଳି ଥାନାକୁ ଖବର ଦେଇଥିଲେ। ଅଭିଯୁକ୍ତଙ୍କ ବାବଦରେ ତଥ୍ୟ ଦେଲେ ମଧ୍ୟ ପୁଲିସ ଗିରଫ କରୁନଥିବା ପ୍ରକାଶ କରିଛନ୍ତି। ଏନେଇ ପିଉଳ ମଣ୍ଡଳ ବିଜେପି ସଭାପତି ଶ୍ରୀ ପ୍ରଧାନ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ବାହାରେ ବୁଲୁଥିବା ଅଭିଯୁକ୍ତଙ୍କୁ ଗିରଫ ନକଲେ ଆସନ୍ତା ୧୨ ତାରିଖରୁ ହିଞ୍ଜିଳି ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ପ୍ରକାଶ କରିଛନ୍ତି। ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ, ଗଞ୍ଜାମ ଜିଲ୍ଲାର ୨ ମନ୍ତ୍ରୀ, ସାଂସଦ, ସମସ୍ତ ବିଧାୟକ, ଗଞ୍ଜାମ ଜିଲ୍ଲାପାଳ, ହିଞ୍ଜିଳିକାଟୁ ତହସିଲଦାର, ଆସିକା ଏସଡିପିଓ, ହିଞ୍ଜିଳି ଥାନାକୁ ଅବଗତ କରାଇଛନ୍ତି।

## ନବାଗତ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ




କୋଦଳା,୧୦।୭(ସମିସ): କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରଘୁନାଥ ମୁଦୁଲି ଅଧ୍ୟକ୍ଷତା କରି ନବାଗତ ଛାତ୍ରଛାତ୍ରୀଙ୍କୁ ନୂତନ ପ୍ରଣୟନ ଶିକ୍ଷାନୀତି ସମ୍ପର୍କେ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ରଞ୍ଜୁୱାଲା ନନ୍ଦ, ଇତିହାସ ବିଭାଗ ମୁଖ୍ୟ ବିନୋଦ କୁମାର ମିଶ୍ର, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ରତ୍ନାକର ପ୍ରଧାନ, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅପରାଜିତା ପାତ୍ର, ରାସାୟନ ବିଜ୍ଞାନ ବିଭାଗ ମୁଖ୍ୟ ମନୀଷା ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂଯୋଜକ ଭାବେ ଗଣିତ ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ ଓ ରାଜନୀତି ବିଭାଗ ଅଧ୍ୟାପକ ଲିପୁନ ମାଝୀ ନୂତନ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସପନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ

ରମ୍ଭା,୧୦।୭(ସମିସ): ଗଞ୍ଜାମ ବ୍ଲକ ପାଲଙ୍ଗ ପଞ୍ଚାୟତରେ ୨କୋଟି ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତରେ ୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ ହୋଇଥିଲା।

ଏଥିରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ କୁମାର ସାବତ, ରାଜ୍ୟ ମୁଖପାତ୍ର ଟି.ଗୋପୀ ଉପସ୍ଥିତ ଥିଲେ। କମ୍ୟୁନିଟି ଗୋଷ୍ଠୀ କେନ୍ଦ୍ରରେ ୧୩ ଲକ୍ଷ ଟଙ୍କା, ରାଣୀବର କାନଖାଇ ସ୍କୁଲ -୧୦ ଲକ୍ଷ ଟଙ୍କା, ନିମାଶୂଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସୋଲାର ଷ୍ଟ୍ରିଟ ଲାଇଟ, ଫେଭର ରାସ୍ତା ପାଇଁ ୪୦ ଲକ୍ଷ ଟଙ୍କା, କହକପୁର କଲ୍ୟାଣ ମଣ୍ଡପ ପାଇଁ ୧୪ ଲକ୍ଷ ଟଙ୍କା, ପାଲଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଦଘାଟନ ପାଇଁ ୧୦ ଲକ୍ଷ ଟଙ୍କା, ପଞ୍ଚାୟତ କୃଷି ପରାମର୍ଶ କେନ୍ଦ୍ର ପାଇଁ ୭ ଲକ୍ଷ ୫୦ ହଜାର ଟଙ୍କା ସହ ଅନ୍ୟାନ୍ୟ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ଓ ଉଦଘାଟନ ହୋଇଥିଲା। ଏହି ଅବସରରେ ବୃକ୍ଷରୋପଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାଲଙ୍ଗ ସମିତି ସଭ୍ୟା ତଥା ବ୍ଲକ ଅଧକ୍ଷା ଶ୍ରୀମତୀ ପ୍ରଧାନ, ସରପଞ୍ଚ ରାଜଶ୍ରୀ ଗୌଡ଼, ବିଡ଼ିଓ ଅଚ୍ୟୁତାନନ୍ଦ ଜାନୀ, ବରିଷ୍ଠ ବିଜେପି ନେତା ବିଷ୍ଣୁ ପ୍ରସାଦ ସିଂହଦେଓ, ସିଡିପିଓ ସଲୀଳା ପ୍ରଧାନ, ପାଳିବନ୍ଧ ସରପଞ୍ଚ ସଂଯୁକ୍ତ ପ୍ରଧାନ, ମଲାଡ଼ ସରପଞ୍ଚ ମମତା ବେହେରା, ହୁମ୍ମା ସମିତିସଭ୍ୟ ଧ୍ରୁବ ଚରଣ ପଲେଇ, ପୂର୍ବତନ ଅଧକ୍ଷା ଗୀତାଞ୍ଜଳୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରାଣୀ ମହାପାତ୍ର, ପୂର୍ବତନ ସମିତିସଭ୍ୟ ଶତ୍ରୁଘନ ମହାଙ୍କୁଡ଼ ପ୍ରମୁଖଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ସିଙ୍ଗିପୁର ହାଇସ୍କୁଲରେ ବନ ମହୋତ୍ସବ



ସାନଖେମୁଣ୍ଡି,୧୦।୭(ସମିସ): ସାନଖେମୁଣ୍ଡି ବ୍ଲକ୍ ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସିଙ୍ଗିପୁରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୀନା ପାତ୍ରଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଜୁନିଅର ରେଡକ୍ରସ କାଉନସିଲର ପ୍ରକାଶ ଚନ୍ଦ୍ର ମଲ୍ଲିକ, ଇକୋ କ୍ଲବ୍ ପରିଚାଳକ ସୁରଥ ଭୂୟାଁ, ଗଣିତ କ୍ଲବ୍ ପରିଚାଳକ ରବୀନ୍ଦ୍ର ମଳିକ, ଗାଇଡ୍ କ୍ୟାପଟେନ୍ ବବି ରାଉତ, ସ୍କାଉଟ୍ ଶିକ୍ଷକ ନବକାନ୍ତ ବାରିକ ତଥା ବରିଷ୍ଠ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରମୋଦ ପ୍ରଧାନ, ବିଦ୍ୟାଳୟର ପ୍ରାକ୍ତନ ଆଲୁମିନି ଛାତ୍ର ଦୀପକ ଦୋରା, କୈଳାଶ ଚନ୍ଦ୍ର ପ୍ରଧାନ ଓ ମିନାକ୍ଷୀ କୁମାରୀ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ଚିତ୍ର, ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପୁରୁଷୋତ୍ତମପୁର ଏସ୍‌ଡିପିଓଙ୍କୁ ସମ୍ବର୍ଦ୍ଧନା



ପୁରୁଷୋତ୍ତମପୁର,୧୦।୭(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏସଡିପିଓ ସୁଜିତ କୁମାର ନାୟକଙ୍କୁ ସାକ୍ଷାତ କରି ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ରଥଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକ ମଣ୍ଡଳୀ ଏସଡିପିଓଙ୍କ କାର୍ଯ୍ୟାଳୟ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ ବରିଷ୍ଠ ନାଗରିକଙ୍କ ସୁବିଧା ଓ ଅସୁବିଧା ଉପରେ ଆଲୋଚନା କରିଥିଲେ। ଟ୍ରାଫିକ ସମସ୍ୟା ଓ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେବା ସହ ବରିଷ୍ଠ ନାଗରିକଙ୍କ ସୁଖ ଦୁଃଖରେ ସାମିଲ ହେବା ପାଇଁ କହିଥିଲେ। ଉଭୟ ସହ ଭାବ ଆଦାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ହରିହର ପଣ୍ଡା, ବନ୍ଧୁ ସାମଲ, ଉଦୟନାଥ ବେହେରା, ମନମୋହନ ତ୍ରିପାଠୀ, ଲକ୍ଷ୍ମୀଚରଣ ପାଣିଗ୍ରାହୀ, ଜଟେଶ୍ୱର ମହାପାତ୍ର, ହୀନ ନାହାକଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଅଙ୍ଗାରଗାଁରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କୋଦଳା,୧୦।୭(ସମିସ): ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ସ୍ଥିତ ଅଗ୍ନିଶ୍ୱରଙ୍କ ପୀଠରେ ମନ୍ଦିର କମିଟି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ସେଠୀ, ମନ୍ଦିର ପରିଚାଳନା କମିଟି ସଭାପତି ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ସନ୍ତୋଷ କୁମାର ଜେନା, ସମାଜସେବୀ ମହେଶ୍ୱର ମହାପାତ୍ର, ସନ୍ତୋଷ ସାହୁ, ବିଷ୍ଣୁପ୍ରସାଦ ସାହୁ ସାହୁ, ସନ୍ୟାସୀ ମହାରଣା, ମନୋଜ କୁମାର ସାହୁ, ଟୁକୁନା ସାହୁ, ଧ୍ରୁବ ବାବୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣା ସୂଚନା ଦେଲେନି ଆରୋହୀ; ଛଟପଟ ହୋଇ ମରିଗଲେ ବୃଦ୍ଧ

ଖଲ୍ଲିକୋଟ,୧୦।୭(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କେଶପୁର ମଙ୍ଗଳା ମନ୍ଦିର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଅମାନବୀୟ ଘଟଣା ଘଟିଛି। ୨ଜଣ ବାଇକ୍ ଚାଳକ ଜଣେ ବୃଦ୍ଧଙ୍କୁ ଧକ୍କା ଦେଇଥିଲେ। ବାଇକ୍ ଚାଳକଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିଲେ। ତେବେ ସାମାନ୍ୟ ଆହତ ଜଣକ ଦୁର୍ଘଟଣା ସମ୍ପର୍କରେ କୌଣସି ସୂଚନା ନ ଦେବାରୁ ଛଟପଟ ହୋଇ ବୃଦ୍ଧଙ୍କ ଜୀବନ ଚାଲିଗଲା। ମୃତକ ହେଲେ ସ୍ଥାନୀୟ ମୋହନପୁର ଗ୍ରାମର ଦରବାର ପରିଡ଼ା (୬୨)। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ବୁଧବାର ରାତିରେ ଖଲ୍ଲିକୋଟ କୈରାଶି ଛକର ପରମା ପଲେଇ (୩୬)ଙ୍କ ସହ ଅନ୍ୟ ଜଣେ ଯୁବକ ଏକ ବାଇକରେ କୈରାଶି ଅଭିମୁଖେ ଯାଉଥିଲେ। ଏହି ସମୟରେ ଦରବାର ପରିଡ଼ା ବିଲରୁ କାମ ସାରି ଘରକୁ ଫେରୁଥିଲେ। ରାସ୍ତା ପାର ହେବାକୁ ସେ ମଙ୍ଗଳା ମନ୍ଦିର ନିକଟରେ ଛିଡା ହୋଇଥିବା ବେଳେ ଉକ୍ତ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ସେ ଛିଟିକି ଯାଇ ନିକଟରେ ଥିବା ଏକ ଖାଲ ଭିତରେ

**ହଜିଗଲା ମାନବିକତା**

ପଡ଼ି ଯାଇଥିଲେ। ଖାଲଟି ଲଟା ବୁଦାରେ ପରିପୂର୍ଣ୍ଣ ଥିବାରୁ ବାହାରକୁ ଦେଖା ଯାଉନଥିଲା। ଅପରପକ୍ଷେ ପରମା ପଲେଇ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣକ ସାମାନ୍ୟ ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ଖଲ୍ଲିକୋଟ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ସାମାନ୍ୟ ଆହତ ହୋଇଥିବା ବାଇକ ଆରୋହୀ ଜଣକ ବୃଦ୍ଧଙ୍କୁ ବାଇକ ଧକ୍କା ଦେଇଥିବା ସମ୍ପର୍କରେ କାହାକୁ ଜଣାଇ ନଥିଲେ। ସେପଟେ ଘରକୁ ଫେରିବାରେ ବିଳମ୍ବ ହେବାରୁ ବୃଦ୍ଧଙ୍କୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶେଷରେ ବିଳମ୍ବିତ ରାତି ପ୍ରାୟ ଗୋଟାଏବେଳେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଖୋଜା ଖୋଜି କରିବା ପରେ ରାସ୍ତା ତଳ ଖାଲରେ ଗୁରୁତର ଅବସ୍ଥାରେ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ଉକ୍ତ ଖାଲରୁ ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ମେଡ଼ିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଯଦି ବୃଦ୍ଧଙ୍କୁ ବାଇକ ଧକ୍କା ଦେଇଥିବା ସାମାନ୍ୟ ଆହତ ହୋଇଥିବା ଆରୋହୀ ଜଣକ ସୂଚନା ଦେଇଥାନ୍ତେ ତାହେଲେ ବୃଦ୍ଧଙ୍କ ଜୀବନ ବଞ୍ଚି ଯାଇଥାନ୍ତା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

